

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୦ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 MARCH 2022

Vol.No. 33 ■ No. 66 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
**ବନ୍ଧୁ ମହାନ୍ତି**
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ଆପୋଷ ବୁଝାମଣା ପାଇଁ ଜେଲେନସ୍କି ରାଜି !

ନୂଆଦିଲ୍ଲୀ, ୦୯/୦୩ : ରୁଷର ଆକ୍ରମଣ ପରଠାରୁ କଡ଼ା ମୁକାବିଲା କଥା କହି ଆସୁଥିବା ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ନିଜ ସ୍ୱର ନରମ କରିଛନ୍ତି । ଆମେରିକୀୟ ଗଣମାଧ୍ୟମ ସଂସ୍ଥା ଏବିସି ନ୍ୟୁଜକୁ ସାକ୍ଷାତକାର ଦେଇ ଜେଲେନସ୍କି କହିଛନ୍ତି ଯେ, ନାଟୋ ୟୁକ୍ରେନକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ତେଣୁ ନାଟୋର ସଦସ୍ୟ ହେବାକୁ ଆଉ ୟୁକ୍ରେନ ଜିଦ୍ କରିବ ନାହିଁ ବୋଲି ସେ ଇଙ୍ଗିତ କରିଛନ୍ତି । ତେବେ ବାରମ୍ବାର ଅନୁରୋଧ ସତ୍ତ୍ୱେ ନାଟୋ କିମ୍ବା ଆମେରିକା ପ୍ରତ୍ୟକ୍ଷ ଭାବେ ଯୁଦ୍ଧରେ ସହାୟତା ପାଇଁ ଆଗେଇ ନଆସିବାରୁ ଆଉ ଭରସା କରିପାରୁ ନାହାନ୍ତି ଜେଲେନସ୍କି । ଫଳରେ ନିଜ ଆଭିମୁଖ୍ୟକୁ ନରମ କରି ରୁଷ୍ ସହ ଶାନ୍ତି ପାଇଁ ବାଟ ଖୋଲିଛନ୍ତି । ଯୁଦ୍ଧ ଦିନକୁ ଦିନ ଭୀଷଣ ଆକାର ଧାରଣ କରୁଛି । ନାଟୋ ଓ ୟୁରୋପୀୟ ଦେଶ ରୁଷ୍ ବିରୋଧ ଯୁଦ୍ଧରେ ସାମିଲ ହେବାକୁ ଭୟ କରୁଥିବାରୁ ନଇଁଛନ୍ତି ୟୁକ୍ରେନ

ରାଷ୍ଟ୍ରପତି ଜେଲେନସ୍କି । ଏବିସି ନ୍ୟୁଜକୁ ସାକ୍ଷାତକାର ଦେଇ ଜେଲେନସ୍କି ଯାହା ଇସାରା ଦେଇଛନ୍ତି, ସେଥିରୁ ଜଣାପଡୁଛି ବୁଝାମଣା ଜରିଆରେ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସେ ଚାହୁଁଛନ୍ତି । ଯୁଦ୍ଧ ବନ୍ଦ ନେଇ ପୁଟିନ୍ ଯେଉଁ ସର୍ତ୍ତ ରଖିଛନ୍ତି, ସେ ନେଇ ଆଲୋଚନା କରିବାକୁ ଜେଲେନସ୍କି ରାଜି ଅଛନ୍ତି । ପୁଟିନଙ୍କ ଦାବି ମଧ୍ୟରେ ରହିଛି, 'କ୍ରିମିଆ'କୁ ରୁଷିଆର ଅଂଶ ବୋଲି ୟୁକ୍ରେନ୍ ଗ୍ରହଣ କରୁ । ତା ସହିତ ରୁଷ ସମର୍ଥିତ ଅଞ୍ଚଳ 'ଡୋନେସ୍କ' ଓ 'ଲୋହାନସ୍କ'କୁ ସ୍ୱାଧୀନ ଦେଶର ମାନ୍ୟତା ମିଳୁ । ୟୁକ୍ରେନ୍ ଅସ୍ତ୍ର ତ୍ୟାଗ କରୁ ଓ ନାଟୋ ସହ ମେଣ୍ଟ ନ କରି ନିରପେକ୍ଷ ରହୁ । ତେବେ ରୁଷର ଏହି ସବୁ ଦାବି ସଂପର୍କରେ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ଜେଲେନସ୍କି । ତେବେ ଆତ୍ମସମର୍ପଣ କରିବାକୁ ମନା କରି ଦେଇଛନ୍ତି । ସେ କହିଛନ୍ତି, ୟୁକ୍ରେନ ସହ ରହିବାକୁ ଯେଉଁ ଅଞ୍ଚଳର ଲୋକ ଚାହୁଁଛନ୍ତି, ସେମାନେ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆମେ ବୁଝିସାରିଛୁ ଯେ ୟୁକ୍ରେନକୁ ସାମିଲ କରିବାକୁ ନାଟୋ ପ୍ରସ୍ତୁତ ନୁହେଁ । ଆତ୍ମସମର୍ପଣ ନୁହେଁ ଆଲୋଚନା କରିବାକୁ ୟୁକ୍ରେନ୍ ପ୍ରସ୍ତୁତ ଅଛି । ଏହା ପୂର୍ବରୁ ରୁଷିଆ ରାଷ୍ଟ୍ରପତି ପୁଟିନ୍ ଚେତାବନୀ ଦେଇ କହିଥିଲେ, ଯଦି ୟୁକ୍ରେନ ଅସ୍ତ୍ର ତ୍ୟାଗ କରି ସର୍ତ୍ତଗୁଡିକ ମାନିନେବ ନାହିଁ, ତେବେ ୟୁକ୍ରେନ ଦେଶର ମାନ୍ୟତା ହରାଇବ । ପୂର୍ବରୁ ୟୁକ୍ରେନକୁ ଦଖଲ କରିବା ତାଙ୍କ ଉଦ୍ଦେଶ୍ୟ ନୁହେଁ କହିଥିଲେ ପୁଟିନ୍ । ୟୁକ୍ରେନ୍-ରୁଷିଆ ମଧ୍ୟରେ ୩ ରାଉଣ୍ଡ ଆଲୋଚନା ବିଫଳ ହୋଇଛି । ଗୁରୁବାର ଦିନ ତୁର୍କୀରେ ପ୍ରଥମ ଥର ପାଇଁ ଦୁଇ ଦେଶର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହେବାକୁ ଯାଉଛି । ସାରା ବିଶ୍ୱର ନଜର ଏହା ଉପରେ ରହିଛି । ଏପଟେ ଜେଲେନସ୍କିଙ୍କ ମନ୍ତବ୍ୟ ପରେ ରୁଷ ମଧ୍ୟ ନରମ ଆଭିମୁଖ୍ୟ ଦେଖାଇଛି । ପୁଣିଥରେ ରୁଷ କହିଛି, ୟୁକ୍ରେନ୍ ଅଧିକାର କରିବା ମସ୍କୋର ଉଦ୍ଦେଶ୍ୟ ନୁହେଁ ।

## ଆଜି ୫ ରାଜ୍ୟର ନିର୍ବାଚନ ଫଳ

ନୂଆଦିଲ୍ଲୀ, ୦୯/୦୩ : କିଛି ଘଣ୍ଟା ପରେ ପ୍ରକାଶ ପାଇବାକୁ ଯାଉଛି ୫ଟି ରାଜ୍ୟର ନିର୍ବାଚନୀ ଫଳାଫଳ । କିନ୍ତୁ ବୁଥ୍ ବାହୁଡା ମତ ଆଧାରରେ ବିଜୟକୁ ନେଇ ସ୍ୱଷ୍ଟ ମତ ରଖୁଛନ୍ତି ନେତା । ବୁଥ ବାହୁଡା ମତାମତକୁ ନେଇ ପଞ୍ଜାବରେ ଆପ ଦଳ ବାଜି ମାରିବ ବୋଲି ଦାବି କରୁଛନ୍ତି ଆପ୍ ନେତା । ସେପଟେ ମଣିପୁର, ଉତ୍ତରାଖଣ୍ଡ ଓ ଗୋଆକୁ ନେଇ ମଧ୍ୟ ଜାରି ରହିଛି ବୟାନ ବାଜି । ଗୁରୁବାର ଆସିବ ନିର୍ବାଚନ ଫଳାଫଳ । ପଞ୍ଜାବରେ କେଉ ଦଳ ଗଢିବ ସରକାର ତାହାକୁ ନେଇ ଆରମ୍ଭ ହୋଇ ଯାଇଛି କଳ୍ପନା ଜଳ୍ପନା । ବୁଥ୍ ବାହୁଡା ମତ ଅନୁସାରେ ପଞ୍ଜାବରେ ବହୁମତ ସହ ସରକାର ଗଢି ପାରେ ଆମ ଆଦମୀ ପାର୍ଟି । କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ପାଇଁ ଭୋଟର ଦଳ ଉପରୁ ଭରସା ତୁଟାଇ ସାରିଥିବା କହୁଛନ୍ତି ବିରୋଧୀ । ଆଉ ଏଥର କଂଗ୍ରେସର ଶୋଚନୀୟ ପରାଜୟ ହେବ ଆପ ନେତା କହୁଛନ୍ତି ।

ସେପଟେ ଗୋଆର ମଧ୍ୟ ଫଳାଫଳକୁ ନେଇ ବେଶ ଆଶାବାଦୀ ଅଛନ୍ତି ବିଭିନ୍ନ ରାଜନୈତିକ ଦଳ । ସେପଟେ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ନିଜ ରାଜ୍ୟବାସୀଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି କି ନାହିଁ ତାହା ବୟାନ କରିବ ନିର୍ବାଚନୀ ଫଳାଫଳ । ଗତ ୬ ମାସ ଧରି ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ରହିଥିବା ଧାମୀ କଣ ପୁଣିଥରେ ନିଜ ଆସନ ବଜାୟ ରଖିପାରିବେ, ନା କଂଗ୍ରେସ ଏଠି ପୁଣି ସରକାର ଗଢିବ ତାହା ସ୍ୱଷ୍ଟ କରିବ ଫଳାଫଳ । ହେଲେ ଏଗଜିଟ୍ ପୋଲ ମତ କହୁଛି ବିଜେପି ବହୁମତ ସହ ବିଜୟ ହାସଲ କରିବ । ହେଲେ ବିରୋଧୀ କଂଗ୍ରେସ ଦାବି କରିଛି ଯେ, ଏଗଜିଟ୍ ପୋଲ ଭୁଲ ପ୍ରମାଣିତ ହେବ । ଗୁରୁବାର ପ୍ରକାଶ ପାଇବ ନିର୍ବାଚନୀ ଫଳାଫଳ । ଉତ୍ତରପ୍ରଦେଶ ସମେତ ପଞ୍ଜାବ, ଗୋଆ, ଉତ୍ତରାଖଣ୍ଡ ଓ ମଣିପୁର ବିଧାନସଭା ନିର୍ବାଚନର ଫଳାଫଳ ଉପରେ ରହିଛି ସଭିଙ୍କ ନଜର । କାରଣ ଏହି ୫ଟି ରାଜ୍ୟର ଫଳାଫଳ ସ୍ୱଷ୍ଟ କରିବ ଆସନ୍ତା ସାଧାରଣ ନିର୍ବାଚନରେ କେଉଁ ଦଳର ପ୍ରଭାବ ଅଧିକ ରହିବ ।

## ମାଛ ମାର୍କେଟରେ ହଣାକଟା : ୨ ଜଣ ଆହତ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ଭୁବନେଶ୍ୱର ୪ନମ୍ବର ମାଛ ମାର୍କେଟରେ ୨ ବ୍ୟବସାୟୀଙ୍କ ମଧ୍ୟରେ ଝଗଡା ଯୋଗୁଁ ହଣାହଟା ହୋଇଛି । ଏଥିରେ ୨ଜଣ ବ୍ୟବସାୟୀ ଗୁରୁତର ହୋଇଛନ୍ତି । ସେମାନଙ୍କ ନାମ ଜିତେନ୍ଦ୍ର ବେହେରା ଓ ନରେନ୍ଦ୍ର ବେହେରା ବୋଲି ଜଣାପଡିଛି । ଖବର ଅନୁଯାୟୀ, ବୁଧବାର ସକାଳେ ମାଛ ମାର୍କେଟରେ ବେପାର ପାଇଁ ଭିଡି ଜମିଥିଲା । ତେବେ ମାଛ ବ୍ୟବସାୟକୁ କେନ୍ଦ୍ର କରି ଦୁଇ ବେପାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଉଭୟ ବ୍ୟବସାୟୀଙ୍କୁ ମାଛ କଟା ପନିକିରେ ଆକ୍ରମଣ କରିଥିଲେ । ଫଳରେ ୨ଜଣ ବ୍ୟବସାୟୀ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଆକ୍ରମଣକାରୀ ମାଛ ବେପାରୀ ଫେରାର ହୋଇଯାଇଛନ୍ତି । ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

## ଜମ୍ମୁ-କାଶ୍ମୀରରେ ବିସ୍ଫୋରଣ : ଜଣେ ମୃତ, ୧୩ ଗୁରୁତର ଆହତ

ନୂଆଦିଲ୍ଲୀ, ୦୯/୦୩ : ଜମ୍ମୁ-କାଶ୍ମୀରର ଉଧମପୁରରେ ଆଜି ଏକ ବଡ ଧରଣର ବିସ୍ଫୋରଣ ହୋଇଛି । ଫଳରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଆହତ ହୋଇଛନ୍ତି । ଏମାନଙ୍କୁ ଅତି ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ହେଲେ ଏଯାଏଁ ବିସ୍ଫୋରଣର କାରଣ ଜଣାପଡିନାହିଁ । ଏନେଇ ସେନା ଛାନବିନ୍ ଜାରି ରଖିଛି । ଏହା ପୂର୍ବରୁ ମଧ୍ୟ ଜମ୍ମୁକାଶ୍ମୀରରେ ବିସ୍ଫୋରଣ ହୋଇଥିଲା । ମାର୍ଚ୍ଚ ୭ ତାରିଖରେ ଏଠିକାର ଏକ ବାଣିଜ୍ୟିକ ପେଣ୍ଠସ୍ଥଳୀରେ ବିସ୍ଫୋରଣ ଯୋଗୁଁ ମଧ୍ୟ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୪ଜଣ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରେ ଜଣେ ପୋଲିସ କର୍ମୀଙ୍କ ସହ ୧୨ଜଣ ମହିଳା ଥିଲେ ।

## ଛତ୍ରବଜାର ପୋଲ ଭୁଶୁଡିଲା : ୨ ମୃତ, ଜଣେ ଗୁରୁତର

କଟକ/ଭୁବନେଶ୍ୱର, ୦୯/୦୩ (ନି.ପ୍ର): କଟକ ଛତ୍ରବଜାର ପରିବା ମାର୍କେଟ ନିକଟ ପୋଲ ଭୁଶୁଡ଼ିଛି । ଛତ୍ରବଜାରରୁ ମାଲଗୋଦାମ ସଂଯୋଗ କରୁଥିବା ପୋଲରେ କାମ ଚାଲିଥିବା ବେଳେ କିଛି ଅଂଶ ଭୁଶୁଡ଼ି ପଡିବା ଫଳରେ ମାଟି ତଳେ ଚାପି ହୋଇ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଅଛନ୍ତି। ଗୁରୁତର ବ୍ୟକ୍ତିଙ୍କୁ ବଡ଼ମେଡ଼ିକାଲ୍ ରେ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ଏ ସମ୍ପର୍କରେ ସୂଚନା ଦେଇଛନ୍ତି କଟକ ଡିସିପି ପ୍ରତୀକ ସିଂହ। ସୂଚନା ଅନୁଯାୟୀ ଛତ୍ରପୁର ବଜାର ଦେଇ ଯାଇଥିବା ତାଳଦଣ୍ଡା କେନାଲର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିଲା। ବୁଧବାର ସଂନ୍ଧ୍ୟା ସମୟରେ ହଠାତ୍

ନିର୍ମାଣାଧୀନ ବ୍ରିଜ୍ ଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ସେଠାରେ କାର୍ଯ୍ୟ କରୁଥିବା କିଛି ଲୋକ ଓ ପରିବା ବ୍ୟବସାୟୀ ଚାପି ହୋଇଯାଇଥିଲେ। ମାଟି ତଳେ ଚାପି ହୋଇଥିବା ଲୋକଙ୍କ ପରିଚୟ ମିଳିପାରି ନାହିଁ। ଖବର ପାଇ ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଭଙ୍ଗା ପୋଲ ତଳୁ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଡ଼ ମେଡିକାଲ୍ ରେ ଭର୍ତ୍ତି କରାଯାଇଥିଲା। ଆହୁରି କିଛି ଲୋକ ସେଠାରେ ଚାପି ହୋଇ ରହିଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ▶▶ପୃଷ୍ଠା ୭

## ନିଶା ମାଫିଆ ଅନୀଲର ୨୫ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ନିଶା ମାଫିଆ ଅନୀଲ କୁମାର ପାଣ୍ଡିର ପୁଣି ୨୫ ଲକ୍ଷ ଟଙ୍କାର ସମ୍ପତିକୁ ବାଜ୍ୟାପ୍ତ କରିବା ପାଇଁ କୋଲକାତା ସ୍ଥିତ ଏନଡିପିଏସଙ୍କୁ ପତ୍ର ଲେଖିଛନ୍ତି କ୍ରାଇମବ୍ରାଂଚ୍ ଏସଟିଏଫ । ଜବତ ସମ୍ପତି ଭିତରେ ୨ଟି ଦାମୀ ଗାଡି ରହିଛି । ଦୁଇ ଦିନ ତଳେ ଅନୀଲ କୁମାର ପାଣ୍ଡିର ୨ କୋଟି ଟଙ୍କା ମୂଲ୍ୟର ସମ୍ପତିକୁ ବାଜ୍ୟାପ୍ତ କରିବା ପାଇଁ କୋଲକାତା ସ୍ଥିତ ଏନଡିପିଏସଙ୍କୁ ପତ୍ର ଲେଖିଥିଲା କ୍ରାଇମବ୍ରାଂଚ୍ ଏସଟିଏଫ। ତାହାର ଏହି ୨ କୋଟିର ସମ୍ପତି ଭିତରେ ରହିଛି ୩ ମହଲା ବିଶିଷ୍ଟ ଏକ ବିଳାସପୂର୍ଣ୍ଣ ଘର । ଏହି କୋଠାର ଦାମ ୧ କୋଟି ୫୦ ଲକ୍ଷ ଟଙ୍କା ହେବ। ଏହା ସହ ଅନୀଲର ୩୩ଟି ପ୍ଲଟ ଓ ବ୍ୟାଙ୍କ ଜମା ରହିଥିବା ଜଣାଯାଇଛି । ଗୁଜୁରାଟ ଓ ମହାରାଷ୍ଟ୍ରରେ ତାହାର ସମ୍ପତି ଥିବାର ସୁରାକ ମିଳିଛି ।

## ଭିଜିଲାନ୍ସ ଜାଲରେ ବ୍ରହ୍ମପୁର ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ଭିଜିଲାନ୍ସ ପକ୍ଷରୁ ବୁଧବାର ଦିନ ବ୍ରହ୍ମପୁର ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନ ଉପରେ ଚଢାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ବ୍ରହ୍ମପୁର ରୁରାଲ୍ ୱାର୍କସ୍ (ଇଲେକ୍ଟ୍ରିକାଲ୍) ଡିଭିଜନ୍ ର ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀଙ୍କର ୫ ଟି ଠିକଣା ଉପରେ ଭିଜିଲାନ୍ସ ବିଭାଗର ୫ଟି ଟିମ୍ ଏକକାଳୀନ ଚଢ଼ାଉ କରିଛି। ବର୍ତ୍ତମାନ ସୁଦ୍ଧା ହୋଇଥିବା ଯାଂଚରେ ନିର୍ବାହୀ ଯନ୍ତ୍ରୀ ସେଠୀଙ୍କ ନାମରେ ୭କୋଟି ଟଙ୍କାର ସମ୍ପତ୍ତି ରହିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ। ଏହା ମଧ୍ୟରେ ୩ଟି କୋଠା, ୧୨ଟି ପ୍ଲଟ୍ , ୨ଟି ଏସ୍ୟୁଭି ଓ ୩ଟି ଦୁଇ ଚକିଆ ଗାଡ଼ି ରହିଛି। କେବଳ ସେତିକି ନୁହେଁ ତାଙ୍କ ଘରୁ ପ୍ରାୟ ୨୦ ଲକ୍ଷ ଟଙ୍କା

ନଗଦ ଜବତ କରାଯାଇଛି। ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗ ଆସିବା ପରେ କଟକ ଓ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ମିଳିତ ଟିମ୍ ବୁଧବାର ସକାଳୁ ୫ଟି ସ୍ଥାନରେ ଚଢ଼ାଉ କରିଥିଲେ। ବ୍ରହ୍ମପୁର ଗଜପତିନଗର ୧୧ମ ଲାଇନ୍ ରେ ଥିବା ୫ମହଲା କୋଠା, ଭୁବନେଶ୍ୱର ଏମ୍ସ ନଗର ତୃତୀୟ ଲାଇନ୍ ରେ ଥିବା ୪ମହଲା ଘର, ଗଜପତିନଗର ଅଷ୍ଟମ ଲାଇନ୍ ରେ ଥିବା ୪ମହଲା ଘର, ଛତ୍ରପୁର ଥାନା ପୁତବଗଡ଼ ସ୍ଥିତ ପୈତୃକ ଘର ଓ ଆୟପୁଆ ସ୍ଥିତ ଅଫିସ୍ ରେ ଚଢ଼ଉ କରାଯାଇଛି। ଜଣେ ଏଏସ୍ପି, ୪ଜଣ ଡିଏସ୍ପି, ୧୦ଜଣ ଇନ୍ସ୍ପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ୫ଟି ଟିମ୍ ଚଢ଼ଉ କରିଥିଲା। ▶▶ପୃଷ୍ଠା ୭

## ନନ୍ଦନକାନନରେ ବଣୁଆ ହାତୀ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଭିତରେ ବଣୁଆ ହାତୀ। ପାଚେରି ଭାଙ୍ଗି ଦୁଇଟି ବଣୁଆ ହାତୀ ଭିତରକୁ ପଶିବା ପରେ ଆତଙ୍କ ଖେଳିଯିବାରୁ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନକୁ ସାମୟିକ ବନ୍ଦ କରାଯାଇଛି। ଏନେଇ ନନ୍ଦନକାନନ ଗେଟ୍ ରେ ଏକ ପୋଷ୍ଟର ଲଗାଯାଇଛି। ହାତୀ ଦୁଇଟି ବର୍ତ୍ତମାନ ନନ୍ଦନକାନନ ଅଭୟାରଣ୍ୟ ଭିତରେ ଥିବାରୁ ପର୍ଯ୍ୟଟକଙ୍କୁ ଛଡାଯାଉନି। ବହୁ ଦୂର ଦୂରାନ୍ତରୁ ନନ୍ଦନକାନନ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ନିରାଶ ଫେରି ଯାଉଛନ୍ତି। ମିଳିଥିବା ସୂଚନା ମୁତାବକ ଗତକାଲି ରାତିରେ ଦାରୁଠେଙ୍ଗ ଦେଇ ପାଚେରୀ ଭାଙ୍ଗି ହାତୀ ଦୁଇଟି ନନ୍ଦନକାନନକୁ ଆସିଛନ୍ତି । ଏବେ ଜିରାଫ ଖୁଆଡ ପାଖରେ ଦୁଇ ଦନ୍ତା ରହିଥିବାବେଳେ ହାତୀକୁ ଘଉଡାଇବା ଉଦ୍ୟମ ସାମୟିକ ବନ୍ଦ ରହିଛି । ଦିନବେଳେ ଘଉଡାଇଲେ ଅନ୍ୟ ଖୁଆଡ ଭାଙ୍ଗିବା ଆଶଙ୍କା ଥିବାରୁ ଘଉଡାଇବା କାର୍ଯ୍ୟ ବନ୍ଦ କରାଯାଇଛି । ଚନ୍ଦକା ଏବଂ ନନ୍ଦନକାନନ ର ଦୁଇଟି ଟିମ୍ ହାତୀ ଉପରେ ନଜର ରଖିଛନ୍ତି । ସଂଧ୍ୟା ୫ଟା ପରେ ହାତୀ ଘଉଡ଼ାଇବା କାର୍ଯ୍ୟ ଆରମ୍ଭ ହେବ ବୋଲି ନନ୍ଦନକାନନ ଏସିଏଫ୍ ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

## ମହାନଦୀ ପଠାରୁ ବିହାରୀ ଯୁବକଙ୍କ ମୃତଦେହ ମିଳିବା ଘଟଣା
## ପରକିୟା ପ୍ରୀତିରୁ ହତ୍ୟାକାଣ୍ଡ: ୨ ଗିରଫ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): କଟକ ବିଡାନାସୀ ଭୁଆଶୁଣି ପଠାରୁ ଜଣେ ଯୁବକଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାସ ହୋଇଛି। ପରକିୟା ପ୍ରୀତିରୁ ହତ୍ୟାକାଣ୍ଡ ଘଟିଥିବା କଟକ ଡିସିପି ପ୍ରତୀକ ସିଂ ପ୍ରେସ୍ ମିଟ୍ ଜରିଆରେ ସୂଚନା ଦେଇଛନ୍ତି । ଏହି ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛି। ଡିସିପିଙ୍କ ସୂଚନା ଅନୁଯାୟୀ ବିହାରର ଯୁବକ ଆଜାଦ ଯାଦବ ଭୁବନେଶ୍ୱରରୁ ନିଖୋଜ ହେବା ପରେ ଗତ ୩ ତାରିଖରେ ଭୁଆଶୁଣି

ପଠାରୁ ତାଙ୍କ ଶବ ମିଳିଥିଲା। ପରକିୟା ପ୍ରୀତି ଯୋଗୁ ଘଟିଥିଲା ଏହି ହତ୍ୟାକାଣ୍ଡ । ଏମିତିକି ଆଜାଦ ଯାଦବଙ୍କୁ ହତ୍ୟା ପାଇଁ ୨୦ ହଜାର ଟଙ୍କା ଦିଆଯାଇଥିଲା । ଏବେ ଘଟଣାର ▶▶ପୃଷ୍ଠା ୭

## ପୌର ନିର୍ବାଚନ : ପ୍ରଚାର ମଙ୍ଗ ଧରିବେ ଧର୍ମେନ୍ଦ୍ର, ବୈଜୟନ୍ତ, ସମ୍ବିତ

ନୂଆଦିଲ୍ଲୀ, ୦୯/୦୩ : ପଞ୍ଚାୟତ ନିର୍ବାଚନରେ ନିରାଶାଜନକ ପ୍ରଦର୍ଶନ ପରେ ପୌର ନିର୍ବାଚନରେ କଡ଼ା ଟକ୍କର ଦେବାକୁ ଅଣ୍ଟା ଭିଡ଼ିଛି ବିଜେପି । ପୌର ନିର୍ବାଚନ ପ୍ରଚାରକୁ କେନ୍ଦ୍ରୀୟ ନେତା ଆସିବେ ବୋଲି ଜଣାପଡ଼ିଛି । ଦୁଇ ତିନି ଭିତରେ ଧର୍ମେନ୍ଦ୍ର, ବୈଜୟନ୍ତ ଓ ସମ୍ବିତ ପାତ୍ର ଆସି ପ୍ରଚାର କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ସେପଟେ କଂଗ୍ରେସର ଭୁବନେଶ୍ୱର ମେୟର ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ କହିଛନ୍ତି, ତାଙ୍କ ଦଳ କଡ଼ା ଟକ୍କର ଦେବ । ସେ ମମତା ବାନାର୍ଜୀଙ୍କ ସ୍ଲୋଗାନକୁ ଉଦ୍ଧାର କରି କହିଛନ୍ତି ଯେ, 'ଖେଲା ହବେ' । ପଞ୍ଚାୟତ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ପୌର ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛି ବିଜେପି । ପଞ୍ଚାୟତ ନିର୍ବାଚନ

ପ୍ରଚାର ମଇଦାନକୁ କୌଣସି ବଡ ନେତା ଓହ୍ଲାଇ ନଥିବାବେଳେ ପୌର ପାଇଁ ଧର୍ମେନ୍ଦ୍ର, ବୈଜୟନ୍ତ ଓ ସମ୍ବିତ ପାତ୍ରଙ୍କ ଭଳି ଶୀର୍ଷ ନେତୃତ୍ୱ ପ୍ରଚାର କରିବେ । ଏନେଇ ସୂଚନା ଦେଇଛନ୍ତି ବିଜେପି ମୁଖପାତ୍ର ସୁରଥ ବିଶ୍ୱାଳ । କହିଛନ୍ତି ୟୁପି ନିର୍ବାଚନ ପାଇଁ ଧର୍ମେନ୍ଦ୍ରଙ୍କ ଉପରେ ଗୁରୁ ଦାୟିତ୍ୱ ଥିଲା । ଏବେ ୟୁପି ନିର୍ବାଚନ ସରିଥିବାରୁ ସେ ରାଜ୍ୟକୁ ଆ

# ବନ ବିଭାଗର ଚଢ଼ଉ: ୧୫୦ କାଠ ଗଣ୍ଡି ନେଇଯାଉଥିବା ଟ୍ରାକ୍ଟର ଜବତ

ବଲାଙ୍ଗିର,୦୯/୦୩(ନି.ପ୍ର): ଗତ ରାତି ପ୍ରାୟ ୧ଟା ୧୫ ମିନିଟ୍ ସମୟରେ ବଲାଙ୍ଗିର ରେଞ୍ଜ ଜଙ୍ଗଲ କର୍ମଚାରୀ ମାନେ ୧୫୦ ଲୋଡ୍ କଂଚା ଗଣ୍ଡି କାଠ ନେଇ ଯାଉଥିବା ଟ୍ରାକ୍ଟର ନଂ ଓଆରଓ୦୩-ଜି ୧୪୨୬ ଧରିଥିଲେ । ଚଢ଼ଉ ବେଳେ ଟ୍ରାକ୍ଟରରୁ ଏହି ବିପୁଳ ପରିମାଣର କାଠ ଜବତ ହୋଇଥିବା ବେଳେ ଏହି ମାମଲାର ଅଭିଯୁକ୍ତ ମାନେ ପଳାୟନ କରିବାକୁ ସକ୍ଷମ ହୋଇଥିଲେ । ବ୍ୟାସଦେବ ସାହୁ ଓ ଜେନା ରାଉତ ବନପାଳ, ଅଶୋକ ସେଠ, ରଞ୍ଜିତ କୁମ୍ଭାର ବନରକ୍ଷୀ ଓ ବଲାଙ୍ଗିର ରେଞ୍ଜ୍ ପାରା ଜଙ୍ଗଲ କର୍ମଚାରୀ ମାନେ ଏହି ଚଢ଼ଉରେ ସାମିଲ୍ ଥିଲେ । ବଲାଙ୍ଗିର ରେଞ୍ଜ ଡେପୁଟି ରେଞ୍ଜର କେଶବ କୃଷ୍ଣ ନାୟକଙ୍କ ନେତୃତ୍ୱରେ ତଦନ୍ତ ଚାଲୁରହିଛି । ବଲାଙ୍ଗିର ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଚାଲିଥିବା ବନଜାତ ଦ୍ରବ୍ୟ ଧରପଗଡ଼ ଅଭିଯାନ ଯୋଗୁଁ ଚୋରା ବେପାରୀ ମାନଙ୍କ ଭିତରେ ଆତଙ୍କ ଦେଖାଦେଇଛି ।

# ବିଜ୍ଞାପିତ ଅଂଚଳ ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ

ପୁରୀ,୦୯/୦୩(ନି.ପ୍ର): ପୁରୀ ଜିଲ୍ଲାର ନିମାପଡ଼ା, ପିପିଲି କୋଣାର୍କ ବିଜ୍ଞାପିତ ଅଂଚଳରେ ହେବାକୁ ଥିବା ନିର୍ବାଚନ ପାଇଁ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ୍ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ମତଦାନ ଗ୍ରହଣ କରାଯିବ। ୨୬ ତାରିଖରେ ଭୋଟ ଗଣତି ହେବ। ନିମାପଡ଼ାର ୧୧ଟି ୱାର୍ଡ଼ରେ ୧୯ଟି ବୁଥ, ପିପିଲିର ୧୬ଟି ୱାର୍ଡ଼ରେ ୨୦ଟି ବୁଥ ଓ କୋଣାର୍କର ୧୩ଟି ୱାର୍ଡ଼ ପାଇଁ ୧୫ଟି ବୁଥରେ ଭୋଟରମାନେ ସେମାନଙ୍କ ମତଦାନ କରିବେ। ନିମାପଡ଼ାରେ ୧୫ ହଜାର ୭୮୨, ପିପିଲିରେ ୧୫ ହଜାର ୫୦୧ ଓ କୋଣାର୍କରେ ୧୨ ହଜାର ୧୬୧ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ପ୍ରତି ବିଜ୍ଞାପିତ ଅଂଚଳରେ ପିଙ୍କ ବୁଥ୍ ଓ ଆଦର୍ଶ ବୁଥ୍ କରାଯିବ। ପିଙ୍କ ବୁଥରେ ମହିଳା ଭୋଟରମାନେ ମତଦାନ କରିବେ। ଏହି ନିର୍ବାଚନ କାର୍ଯ୍ୟରେ ୩ଶହ ଜଣ ପୋଲିଂ ଅଧିକାରୀ, ୬ ଜଣ ସେକ୍ଟର ଅଧିକାରୀ ନିୟୋଜିତ ହେବେ। ପିପିଲି ପାଇଁ ଜବାହାର ବିଦ୍ୟାପୀଠ, ନିମାପଡ଼ା ପାଇଁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ କୋଣାର୍କ ପାଇଁ ଆଶ୍ରମ ସ୍କୁଲରେ ଷ୍ଟ୍ରଙ୍ଗରୁମ୍ କରାଯିବ। ୨୩ ତାରିଖ ମଧ୍ୟାହ୍ନ ସୁଦ୍ଧା ପୋଲିଂ ଅଧିକାରୀମାନେ ସେମାନଙ୍କ ବୁଥ୍‌ରେ ପହଂଚିବେ। ୯ ତାରିଖରେ ପ୍ରାର୍ଥୀପତ୍ର ଯାଂଚ ଓ ୧୦ରୁ ୧୪ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ଜିଲ୍ଲାସ୍ତରୀୟ ପୋଲିଂ ଅଧିକାରୀମାନଙ୍କ ପାଇଁ ତାଲିମ ପ୍ରଦାନ କରାଯାଇଛି। ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଜ୍ୟୋତି ରଞ୍ଜନ ପ୍ରଧାନ, ଏଡିଏମ୍ ପ୍ରଦୀପ କୁମାର ସାହୁ, ସୁବାଷ ଚନ୍ଦ୍ର ନାଥଶର୍ମା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଉପ ଜିଲ୍ଲାପାଳ ଭବତାରଣ ସାହୁ, ଏଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲ୍ଲା ନିର୍ବାଚନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଆର୍‌ଟିଓ ସମୀର ଦଳାଇ ଓ ୩ଟି ଏନ୍.ଏ.ସିର ନିର୍ବାଚନ ଅଧିକାରୀମାନେ ଯୋଗ ଦେଇଥିଲେ।

# ଧାନ କ୍ରୟ କରିବା ପାଇଁ ଚାଷୀ ପ୍ରଶାସନର ଦ୍ୱାରସ୍ଥ

ଜୟପୁର,୦୯/୦୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣି ଗ୍ରାମର ଶତାଧିକ ଚାଷି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସେ ମାନଙ୍କ ଧାନ ବିକ୍ରୟ କରାଯାଉ ନଥିବାରୁ ସେ ମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଚାଷି ମାନେ ପ୍ରଥମେ ଉପ ଜିଲାପାଳ ବେଦବର ପ୍ରଧାନଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ପରେ ଜିଲା ଯୋଗାଣ ଅଧିକାରୀ ଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ଯୋଗାଣ ଅଧିକାରୀ ନଥିବାରୁ ଚାଷି ମାନେ କ୍ଷୋଭ ପ୍ରକାଶ କରିଥିଲେ । ଚାଷି ରବିନ୍ଦ୍ର ଚୈଧୁରି ଙ୍କ ନେତୃତ୍ୱରେ ଚାଷି ମାନେ ଦ୍ୱାରସ୍ଥ ହୋଇଥିଲେ । ଧାନ ବିକ୍ରୟ ହୋଇନଥିବାରୁ ଚାଷି ମାନେ ଚଳିବେ କିପରି, ଚାଷ କରିବେ କିପରି ବୋଲି ଚାଷି ମାନେ ପ୍ରଶାନଙ୍କୁ ପ୍ରଶ୍ନ କରିଛନ୍ତି । ଏନେଇ ଉପ ଜିଲାପାଳ ବେଦ ବର ପ୍ରଧାନ କହିଛନ୍ତି ରାଜ୍ୟ ସରକାର ଟାଗେର୍ଟ ଦେଇ ନଥିବାରୁ ଧାନ କ୍ରୟ କରାଯାଇ ପାରୁ ନାହିଁ ।

# ପୌର ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ମାଷ୍ଟର ଟ୍ରେନର ଓ ସେକ୍‌ସନ ଅଫିସରମାନଙ୍କ ତାଲିମ କାର୍ଯ୍ୟକ୍ରମ

ବଲାଙ୍ଗିର,୦୯/୦୩ (ନି.ପ୍ର): ଆଗାମୀ ପୌର ନିର୍ବାଚନରେ ନିୟୋଜିତ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ତାଲିମ ପ୍ରଦାନ ସକାଶେ ନିର୍ବାଚନ ଅଧିକାରୀ, ମାଷ୍ଟର ଟ୍ରେନର ଓ ସେକ୍ଟର ଅଫିସରମାନଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଗଙ୍ଗାଧର ନାୟକ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ଟିଟିଲାଗଡ଼ ଉପ-ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ବଲାଙ୍ଗିର ଉପ-ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସାଏ, ଟିଟିଲାଗଡ଼, ପାଟଣାଗଡ଼, କଂଟାବାଂଜି ଉପଖଣ୍ଡ ପୋଲିସ ଅଧିକାରୀ, ସମସ୍ତ ନିର୍ବାଚନ ଅଧିକାରୀ, ମାଷ୍ଟର ଟ୍ରେନର ଓ ସଂପୃକ୍ତ ଥାନାଗୁଡ଼ିକର ଭାରପ୍ରାପ୍ତ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ପୌର ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ଦିଗରେ ନିର୍ବାଚନ ଅଧିକାରୀ, ସେକ୍ଟର ଅଫିସର, ମାଷ୍ଟର ଟ୍ରେନର, ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଏବଂ ନିର୍ବାଚନ ସହ ସଂପୃକ୍ତ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସେମାନେ ନିଜ ଦାୟିତ୍ୱ ଓ କର୍ତବ୍ୟ ପ୍ରତି ସଚେତନ ହୋଇ ନିର୍ବାଚନ କାର୍ଯ୍ୟ ସଂପାଦନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପୌର ନିର୍ବାଚନ ଇଭିଏମ୍ ମେସିନ୍ ଦ୍ୱାରା କରାଯାଉଥିବାରୁ ନିର୍ବାଚନରେ ନିୟୋଜିତ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ମାନେ ଇଭିଏମ୍ ପରିଚାଳନା ସଂପର୍କରେ ସଠିକ୍ ଭାବେ ଅବଗତ ହେବାକୁ ପରାମର୍ଶ ଦେବା ସହ ଭୋଟ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ନାୟକ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ସହ ସେକ୍ଟର ଅଫିସର, ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ମାନେ ସେମାନଙ୍କ ଦାୟିତ୍ୱ ସଠିକ୍ ଭାବେ ତୁଳାଇବାକୁ ପରାମର୍ଶ ଦେଇଥିଲେ।

ଆରକ୍ଷୀ ଅଧିକ୍ଷକ ଶ୍ରୀ କୁଶଲକର ପୌର ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ମଧ୍ୟରେ ଉତମ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିବା ସହ ପୋଲିସ ମୁତୟନ ସସଂପର୍କରେ ସୂଚନା ଦେଇଥିଲେ । ଡିଆରଡିଏ.ର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଡ. ଗୁଣନିଧି ନାୟକ ମାଷ୍ଟର ଟ୍ରେନର ଓ ନିର୍ବାଚନ ସହ ସଂପୃକ୍ତ ଅନ୍ୟ ଅଧିକାରୀମାନଙ୍କୁ ପୌର ନିର୍ବାଚନ ପରିଚାଳନା ସଂପର୍କରେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ ନିୟମାବଳୀ, ନିର୍ବାଚନ ପରିଚାଳନାରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର, ସେକ୍ଟର ଅଫିସର ଓ ନିର୍ବାଚନ ଅଧିକାରୀମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ଭୋଟ ଗ୍ରହଣ କେନ୍ଦ୍ର ପ୍ରସ୍ତୁତି, ପୋଲିଂ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଭୋଟ ଗ୍ରହଣ କେନ୍ଦ୍ରକୁ ପଠାଇବା ସକାଶେ ସାମଗ୍ରୀ ବଂଟନ ବ୍ୟବସ୍ଥା, ଭୋଟ ଗ୍ରହଣ ଦିନ ନିର୍ବାଚନ ପରିଚାଳନା, ସେକ୍ଟର ଅଫିସରଙ୍କ ଦାୟିତ୍ୱ ତଥା ନିର୍ବାଚନ ସଂକ୍ରାନ୍ତୀୟ ଅନ୍ୟାନ୍ୟ ଆନୁସାଂଗିକ ବ୍ୟବସ୍ଥା ସଂପର୍କରେ ପାୱାର ପଏଂଟ ମାଧ୍ୟମରେ ପ୍ରାଂଜଳ ଭାବେ ବୁଝାଇଥିଲେ । ପୌର ନିର୍ବାଚନ ଇଭିଏମ୍ ମେସିନ୍ ଦ୍ୱାରା କରାଯାଉଛି, ତେଣୁ ଇଭିଏମ୍ ମେସିନ୍ ରେ କିପରି ଭୋଟ କରାଯିବ ସେ ସଂପର୍କରେ ସେ ସବିଶେଷ ବୁଝାଇଥିଲେ । ଇଭିଏମ୍ ମେସିନ୍ ର ବେଲଟ୍ ୟୁନିଟ ଓ କଣ୍ଟ୍ରୋଲ ୟୁନିଟର ପରିଚାଳନା ସଂପର୍କରେ ସବିଶେଷ ବୁଝାଇବା ସହ ଇଭିଏମ୍ ପରିଚାଳନାରେ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରଙ୍କ ଦାୟିତ୍ୱ ଓ କର୍ତବ୍ୟ ସଂପର୍କରେ ତାଲିମ ପ୍ରଦାନ କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମେସିନ ପରିଚାଳନା ସଂପର୍କରେ ନମୂନା ପ୍ରଦର୍ଶନ କରି ଦେଖାଇବା ସହ ଭୋଟ ଗ୍ରହଣ କେନ୍ଦ୍ରରେ ଇଭିଏମ୍ ମେସିନ୍ କିପରି ବ୍ୟବହାର କରାଯିବ ସେ ସଂପର୍କରେ ବିଶେଷ ସୂଚନା ଦେଇଥିଲେ । ଇଭିଏମ୍ ପରିଚାଳନା ତାଲିମ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ଦିଲୀପ କୁମାର ମାଝୀ, ଆଦିତ୍ୟ ଦଳବେହେରା ସହଯୋଗ କରିଥିଲେ । ମାଷ୍ଟର ଟ୍ରେନର ମାନେ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନଙ୍କୁ ତାଲିମ ପ୍ରଦାନ କରିବେ । ଏହି ତାଲିମ କାର୍ଯ୍ୟକ୍ରମରେ ବଲାଙ୍ଗିର, ଟିଟିଲାଗଡ଼ ପୌର ପରିଷଦ, ପାଟଣାଗଡ଼, ତୁଷୁରା ଓ କଂଟାବାଂଜି ଏନ୍‌ଏସି.ର ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ ।

# ପ୍ରାଥମିକ ଉପଚାର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜୟପୁର ,୦୯/୦୩ (ନି.ପ୍ର): ଭାରତୀୟ ରେଡ଼ କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ପରିସରରେ ସାତ ଗୋଟି ଜିଲ୍ଲାର ଜୁନିୟର ରେଡ଼ କ୍ରସ ପରାମର୍ଶଦାତା ଓ ପରାମର୍ଶଦାତ୍ରୀମାନଙ୍କୁ ନେଇ ଏକ ଜୋନସ୍ତରୀୟ ପ୍ରାଥମିକ ଉପଚାର ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇ ଯାଇଛି। କୋରାପୁଟ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଅର୍ପିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆ ଂଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଉପଚାର ପ୍ରଶିକ୍ଷକ ଡି. ଆଶିଷ କୁମାର ରାଠୋର ଯୋଗଦାନକରି ସାମ୍ପ୍ରତିକ ସ୍ଥିତିରେ ପ୍ରାଥମିକ ଚିକିତ୍ସାର ଉପାଦେୟତା ଓ ପ୍ରାଥମିକ ଚିକିତ୍ସା ଜୀବନ ରକ୍ଷା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଗଜପତି ଜିଲ୍ଲା କାଶୀନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରାମର୍ଶଦାତା ପ ଂଚାନନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି ଚାରି ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ଦକ୍ଷିଣା ଂଚଳର ୭ ଟି ଜିଲ୍ଲା ଯଥା-ଗଜପତି, ଗଞ୍ଜାମ,ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ପ୍ରାୟ ୨୪ ଜଣ ପରାମର୍ଶଦାତା ଓ ପରାମର୍ଶଦାତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ଶାରୀରିକ ଶିକ୍ଷା ପରିଦର୍ଶକ ଭୀମ ବେହେରା ଓ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସିମା ଂଚଳ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଦିଲୀପ କୁମାର ପଣ୍ଡା,ବିଶ୍ୱରଞ୍ଜନ ଗୌଡ଼, ସୁଜିତ କୁମାର ନାୟକ, ଦେବେନ୍ଦ୍ର ପାଢ଼ୀ, ଉମେଶ ବେହେରା, ତନବୀର ମହମ୍ମଦ,ଶିକ୍ଷୟିତ୍ରୀ ଶୁଭସ୍ମିତା ସାହୁ,କେ.ପ୍ରମିଳା, ସନ୍ତୋସିନୀ ପଣ୍ଡା, ରଶ୍ମିତା ନାହାକଙ୍କ ସମେତ ରଜନୀ କାନ୍ତ ଘଡେଇ ଓ ବିଦ୍ୟାଳୟର ସମସ୍ତ କର୍ମକର୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହିଅବସରରେ ଜୟପୁର ଉଚ୍ଚ ବିଦ୍ୟାଳୟର ପୁରସ୍କୃତ ଶିକ୍ଷକ ଶ୍ରୀ ଓଁମ ପ୍ରକାଶ ମିଶ୍ର ଓ ଶାରୀରିକ ଶିକ୍ଷା ପରିଦର୍ଶକ ଭୀମ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଖାଇବା ତେଲର କଳାବଜାର

ମୁଖୀଗୁଡା,୦୯/୦୩(ନି.ପ୍ର): କଳାହାଣ୍ଡି ଜିଲ୍ଲା ମୁଖୀଗୁଡା ଏବଂ ଜୟପାଟଣା ଅ ଂଚଳରେ ଏବେ ଖାଇବା ତେଲର କଳା କାରବାର ଚାଲିଛି ।ଖାଇବା ତେଲ ଏମଆରପି ଠାରୁ ଅଧିକ ଦରରେ ବିକ୍ରି ହୋଉଛି । ସୂର୍ଯ୍ୟମୁଖୀ ତେଲ ଲିଟର ପିଛା ୩୦ ଟଙ୍କା ଅଧିକ ବିକ୍ରି ହୋଉଥିବା ବେଳେ ବିଭିନ୍ନ ଦୋକାନରେ ରାଗ ଗୋଲଡ଼ ରିଫାଇନ ପାମୋଲିନ ତେଲ ଯାହାର ଏମ୍‌ଆରପି ୧୪୩ଟଙ୍କା ଲେଖା ହୋଇଛି ତାହା ୧୬୦ଟଙ୍କା ରେ ବିକ୍ରି ହୋଉଛି । ଆଗ ଦୈନିକ-ନେଉଥିବା ଛୋଟ ଛୋଟ ହୋଟେଲ ବ୍ୟବସାୟୀ ମାନଙ୍କୁ ଏମ୍‌ଆରପି ଠାରୁ କମ ଦରରେ ତେଲ ମିଳୁଥିଲା କିନ୍ତୁ ଏବେ ସେମାନଙ୍କୁ ମଧ୍ୟ ଏମ୍‌ଆରପିଠାରୁ ଅଧିକା ଦରରେ ବିକ୍ରି କରାଯାଉଛି ।

# ସ୍ୱଚ୍ଛ ସଂଚୟ ଅଭିକର୍ତ୍ତାମାନଙ୍କ ଏକ ଦିବସୀୟ ଅଭିମୁଖୀକରଣ ଶିବିର

ବଲାଙ୍ଗିର,୦୯/୦୩ (ନି.ପ୍ର): ଆଜି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ବଲାଙ୍ଗିର ଜିଲ୍ଲାର ସମସ୍ତ ସ୍ୱଚ୍ଛ ସଂଚୟ ଅଭିକର୍ତାମାନଙ୍କ ଏକ ଦିବସୀୟ ଅଭିମୁଖୀକରଣ ଶିବିର ଜିଲ୍ଲାପାଳ ଚଂଚଳ ରାଣାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱଚ୍ଛ ସଂଚୟ ସଂଗଠନ, ଅର୍ଥ ବିଭାଗ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱଚ୍ଛ ସଂଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ବିଭାଗର ଓଏସଡି ବିଜୟ କୁମାର ଶତପଥି ଅ୍ପକ୍ଷତା କରିଥିବା ବେଳେ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଡାକ ମାଷ୍ଟର ସୁବାସ ଷଡ଼ଙ୍ଗୀ ଓ ସେଂଟ୍ରାଲ ଡିଭିଜନ ଅତିରିକ୍ତ ସହକାରୀ ଡାକ ଅଧିକ୍ଷକ ଭରତ ଜାଲି, ସାଇବର କ୍ରାଇମ ଏଣ୍ଡ୍ ଇକୋନମିକ ଅଫେନ୍ସ ଥାନାର ଇନ୍ସପେକ୍ଟର କମଳଲୋଚନ ବେହେରା ଯୋଗଦେଇ ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାଇବର ଠକେଇ ତଥା ଅନ୍ୟ ଆର୍ଥିକ ଠକେଇ ଉପରେ ଏଜେଂଟ ମାନଙ୍କୁ ତାଲିମ ଦେଇଥିଲେ । ଏହି ଏଜେଂଟ ମାନେ ପରବର୍ତି ସମୟରେ ଏହି ସବୁ ବିଷୟ ଉପରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ନିବେଦନ କରିଥିଲେ । ଅପରାହ୍ନ ଅଧିବେଶନରେ ଏଲଡିଏମ୍ ମନିଷ ମିଶ୍ର, ଫାଇନାନ୍ସିଆଲ ଲିଟେରେସି କାଉନସିଲର ଓମ୍ ପ୍ରକାଶ ମୁଣ୍ଡ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପିଜି କାଉନ୍ସିଲ ଅଧ୍ୟକ୍ଷ ରବିଶଙ୍କର ପାଣ୍ଡିଆ ଓ ଅତିରିକ୍ତ ପୋଲିସ ଅଧିକ୍ଷକ ଦିଲିପ ପଟେଲ ଯୋଗଦେଇ ଆର୍ଥିକ ସାକ୍ଷରତା ବିଷୟରେ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରମୁଖ ଏଜେଂଟ ମାନଙ୍କୁ ଜିଲ୍ଲାପାଳ ସମ୍ମାନିତ ଦେଇଥିଲେ । ସମ୍ମାନିତ ହୋଇଥିବା ଏଜେଂଟମାନେ ହେଲେ କଂଟାବାଞ୍ଜିର କିରଣ ଦେବୀ, ବଲାଙ୍ଗିର ସ୍ମିତା ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ନାରାୟଣ ଆଚାର୍ଯ୍ୟ, ସୁରଜିତ ପଟ୍ଟନାୟକ, ଦୁର୍ଗାମାଧବ ପଟ୍ଟନାୟକ, ଗଣେଶ ଚନ୍ଦ୍ର ବ୍ରହ୍ମା, ଟିଟିଲାଗଡ଼ର ଆରତି ରାଉତ, ସରୋଜ 'ରିକାର, ପ୍ରଦୀପ କୁମାର ରାଉତ, ରିଙ୍କି ରାଉତ, ପ୍ରିୟଙ୍କା ବେହେରା, ସଂଯୁକ୍ତା ମେହେର, ବିଣାପାଣୀ ବେହେରା, ସୁନିତା ପଧାନ ଓ ଅନିତା ଥନାପତି । ସଭା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଜିଲ୍ଲା ସ୍ୱଚ୍ଛ ସଂଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ବିଭାଗର ଓଏସ୍ଡି ବିଜୟ କୁମାର ଶତପଥି ।

# ୩ ମୋବାଇଲ ଚୋର ଗିରଫ

ଭବାନୀପାଟଣା,୦୯/୦୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ପୋଲିସ ୩ ଜଣ ମୋବାଇଲ ଚୋରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ କବି ରାଉତ (୪୯), ପ୍ରତିଦାନ ରାଉତ (୨୦) ଏବଂ ଶକ୍ତିସାମନ୍ତ ଦଳ ବେହେରା (୨୯) । କବିର ଘର ଅନୁଗୁଳରେ ହୋଇଥିବାବେଳେ ସେ ଲାଞ୍ଜିଗଡ ରୋଡ଼ ରହୁଥିଲା । ସେହିପରି ପ୍ରତିଦାନ ଓ ଶକ୍ତିସାମନ୍ତ ମଧ୍ୟ ଲାଞ୍ଜିଗଡ ରୋଡ଼ରେ ରହୁଥିଲେ । ସେମାନଙ୍କ ଠାରୁ ପ

# ଚିକେନ କବାବ

## ଆବଶ୍ୟକ ସାମଗ୍ରୀ:

ବୋନଲେସ୍ ଚିକେନ,ବ୍ରେଡ୍, କଞ୍ଚା ଲଙ୍କା, ରସୁଣ, ପୁଦିନା ପତ୍ର , ଧନିଆ ପତ୍ର, ବଟର, କଟା ପିଆଜ, ଲୁଣ, ଅଦା, ରସୁଣ, ଧନିଆ ପାଉଡର, ଜିରା ପାଉଡର, ଗରମ ମସଲା, ହଳଦୀ ପାଉଡର, ଲଙ୍କା ପାଉଡର, ଲୁଣ, ଚିଜ୍, କଞ୍ଚା ଅଣ୍ଡା, ତେଲ ।

## ପ୍ରସ୍ତୁତ ପ୍ରଣାଳୀ:

ପ୍ରଥମେ ବୋନଲେସ୍ ଚିକେନକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ । ପରେ ବ୍ରେଡ୍,କଞ୍ଚା ଲଙ୍କା, ରସୁଣ, ପୁଦିନା ପତ୍ର ଓ ଧନିଆ ପତ୍ରକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ । ପରେ ଗ୍ରାଇଣ୍ଡିଂ କରି ରଖିଥିବା ଚିକେନରେ ବଟର, କଟା ପିଆଜ, ଅଦା, ରସୁଣ, ଧନିଆ ପାଉଡର, ଜିରା ପାଉଡର, ଗରମ ମସଲା, ହଳଦୀ ପାଉଡର, ଲଙ୍କା ପାଉଡର ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ପରେ ମସଲା ମାଂସରେ ମଝିରେ ଚିଜ୍ ଦେଇ କବାବ ସେପରେ ଗଢ଼ନ୍ତୁ । ପରେ ଏକ କଞ୍ଚା ଅଣ୍ଡାକୁ ଭଲ ଭାବରେ ଗୋଳାଇ ଏକ ପାତ୍ରରେ ରଖନ୍ତୁ । ଗଢ଼ି ରଖିଥିବା କବାବ୍‌କୁ ଅଣ୍ଡାରେ ଗୋଳାଇ ପୂର୍ବରୁ ଗ୍ରାଇଣ୍ଡିଂ କରି ରଖିଥିବା ବ୍ରେଡ୍ ଗୁଣ୍ଡରେ ମିଶାଇ ଛାଣନ୍ତୁ । ଛାଣିବାବେଳେ ଗ୍ୟାସ ଆଞ୍ଚକୁ ମିଡିୟମ ରଖନ୍ତୁ । ଚିକେନ କବାବଟି ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ କବାବ ।

# ରାତି ଖାଇବା ସ୍କିପ୍ କରୁଛନ୍ତି କି ?: ଭୋଗି ପାରନ୍ତି ଏହି ସମସ୍ୟା

ଫିଟ୍ ତଥା ସ୍ଲିମ୍ ରହିବା ଆଜିକାଲି ଯୁବପିଢିଙ୍କ ପାଇଁ ଫ୍ୟାଶନ୍‌ରେ ପରିରତ ହେଲାଣି । ସ୍ଲିମ୍ ରହିବା ନିମନ୍ତେ ସେମାନେ ଓଜନ ହ୍ରାସ କରିବାକୁ ପ୍ରାଥମିକତା ଦେଉଛନ୍ତି । ଏଥିନିମନ୍ତେ କିଏ ଜିମ୍ ଯିବା ସହ ପ୍ରତିଦିନ ଏକ୍ସରସାଇଜ୍ କରୁଛି ତ କିଏ କଡ଼ା ଡାଏଟ ପ୍ଲାନ୍ ଫଲୋ କରୁଛି । ହେଲେ ଆଜିକାଲି ଟ୍ରେଣ୍ଡରେ ପରିଣତ ହୋଇଛି ଇଣ୍ଟରମିଟେଣ୍ଟ ଫାଷ୍ଟିଂ । ଏହାଦ୍ୱାରା ଓଜନ କମ୍ ହେଉଥିବା ବହୁ ସେଲିବ୍ରିଟି ବି ଗଣମାଧ୍ୟମ ସମ୍ମୁଖରେ କହୁଛନ୍ତି । ଫଳରେ ଓଜନ ହ୍ରାସ କରିବାକୁ ଆଜିକାଲି ଯୁବପିଢି ଏହି ଡାଏଟ ପ୍ଲାନ୍‌କୁ ଫଲୋ କରୁଛନ୍ତି । ଏହି ଫାଷ୍ଟିଂ ଅନୁଯାୟୀ, ରାତି ଖାଇବାକୁ ସ୍କିପ୍ କରିବାକୁ ପଡ଼ିଥାଏ । ଅର୍ଥାତ ସନ୍ଧ୍ୟା ସୁଦ୍ଧା ଡିନର ସାରିବାକୁ ପଡ଼ିଥାଏ । ଏହାପରେ ତା' ପରଦିନ ଆପଣ ନିଜ ଜଳଖିଆ କରିପାରିବେ । ହେଲେ ଏହା ମଧ୍ୟରେ ଅତିକମ୍‌ରେ ୧୨ ଘଣ୍ଟାରୁ ଅଧିକ ସମୟ ଅନ୍ତର ରହିବା ଉଚିତ । ଆଜିକାଲି ଅଧିକାଂଶ ଯୁବକଯୁବତୀ ଏହି ଡାଏଟ ପ୍ଲାନ୍ ଫଲୋ କରୁଥିବା ବେଳେ ଏଥିଯୋଗୁ କିନ୍ତୁ ସାଂଘାତିକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇପାରେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ଯଦି ଆପଣ ରାତି ଖାଇବା ଛାଡ଼ିବାକୁ ପ୍ଲାନ୍ କରିଛନ୍ତି, ତେବେ ହେଭି କ୍ୟାଲୋରି ଫୁଡକୁ ଛାଡ଼ିପାରନ୍ତି । ହେଲେ ଆପଣ ହାଲକାପୁଲକା ଓ କ୍ୟାଲୋରିଫ୍ରି ଖାଦ୍ୟ ଖାଇବା ଉଚିତ । ଫିଟ୍ ରହିବା ସହ ହେଲଦି ଓ ଏନର୍ଜେଟିକ ବି ରହିବା ଆବଶ୍ୟକ । ଏକ୍ସପର୍ଟଙ୍କ କହିବାନୁଯାୟୀ, ଇଣ୍ଟରମିଟେଣ୍ଟ ଫାଷ୍ଟିଂରେ ରାତି ଖାଇବା ଓ ସକାଳ ଜଳଖିଆ ମଧ୍ୟରେ ବହୁତ ଗ୍ୟାପ ରହିଯାଉଛି । ତେଣୁ ଏ ସମୟରେ ଡିନର ସ୍କିପ୍ କଲେ ଆପଣଙ୍କ ଏନର୍ଜୀ ଲେଭଲ କମିପାରେ । ଓଜନ କମାଇବା ପାଇଁ ରାତିରେ ଖାଦ୍ୟ ଛାଡ଼ିବା ଅପେକ୍ଷା ହାଲକା ଖାଇବା ଭଲ । ନଚେତ ଆସ୍ତେ ଆସ୍ତେ ଆପଣଙ୍କ ଭୋକ ମରିଯିବ । ଖାଲି ପେଟରେ ଶୋଇଲେ ଗ୍ୟାସ୍ ହେବାର ବି ଆଶଙ୍କା ଅଧିକ ରହିଛି । ଏହାଦ୍ୱାରା ଆପଣଙ୍କ ନିଦ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ଓ ଏହାର ପ୍ରଭାବ ଆପଣଙ୍କ ଶରୀରରେ ପଡ଼ିବ । ଓଜନ

କମ କରିବାକୁ ଆପଣ ଡାଏଟ ଫଲୋ କରୁଥିଲେ ମଧ୍ୟ ଏହି ସମୟରେ ଶରୀରକୁ ପୋଷଣ ଯୋଗାଇବା ଆବଶ୍ୟକ ହୋଇପଡ଼େ । ଏପରି ସମୟରେ ରାତି ଖାଇବା ସ୍କିପ୍ କଲେ ଶରୀରକୁ ଆବଶ୍ୟକ ମାତ୍ରାରେ ପୋଷଣ ମିଳିପାରେ ନାହିଁ । ଏହାଦ୍ୱାରା ଆପଣଙ୍କ ଇମ୍ୟୁନିଟି କମିପାରେ ଲାଗିବ ଓ ରୋଗ ମାଡ଼ି ବସିବାର ଆଶଙ୍କା ବଢ଼ିଯିବ ବୋଲି କହିଛନ୍ତି ବିଶେଷଜ୍ଞ ।

# ୨୭ ଫୁଟର ମେସିନ୍ ବୋଟ୍

ଇଟାଲୀ କମ୍ପାନୀ ଜେଟ୍ କ୍ୟାପସୁଲ ଏକ ଷ୍ଟାଇଲିସ୍ ଛୋଟ ହଙ୍ଗା ପ୍ରସ୍ତୁତ କରିଛି । ଯେଉଁଥିରେ ଡଙ୍ଗା ଚାଳକ ସହ ୧୨ଜଣ ଲୋକ ଏକାକାଳିନ ବସିପାରିବେ । ଏହି ଡଙ୍ଗାର ପ୍ରସ୍ତୁତି ଅନ୍ତରୀକ୍ଷ ଯାନରୁ ପ୍ରେରିତ ହୋଇଛି ବୋଲି ଜାହାଜ ପ୍ରସ୍ତୁତ କରୁଥିବା ଇଟାଲବୀ କମ୍ପାନୀର ସହ ପ୍ରତିଷ୍ଠାତା ପ୍ରିୟାରପୋଲେ ଲାଜାରିନୀ ଜଣାଇଛନ୍ତି । ଏହି ଯାନଟି ୨୭ ଫୁଟ୍ ଲମ୍ବ ଓ ୧୨ ଫୁଟ୍ ପ୍ରସ୍ଥ ବିଶିଷ୍ଟ ରହିଛି । ଏଥିରେ ବାଥରୁମ, କିଚେନ, ଡିନର ଟେବୁଲ ଓ ବାର ରହିଛି । ଯାନଟି ସଂପୂର୍ଣ୍ଣ ରୂପେ ବୁଲେଟପ୍ରୁଫ୍ ବୋଲି କୁହାଯାଉଛି । ଏହାର ବେଗ ମଧ୍ୟ ଖୁବ୍ କ୍ଷିପ୍ର । ଯାନଟି ୧୧୪ କିମି ପ୍ରତି ଘଣ୍ଟା ଗତି କରିବ । ଲାଜାରିନୀଙ୍କ ମତରେ, ଏହି ଛୋଟ କ୍ୟାପସୁଲଟି ଦୁଇ ଲକ୍ଷ ପାଉଣ୍ଡ ପାଖାପାଖି ରହିଛି । ଛୋଟ ଡଙ୍ଗାଟିରେ ପାର୍ଟି କରିବା ଅନୁଯାୟୀ ଆଲୋକସଜ୍ଜା ମଧ୍ୟ ହୋଇଛି ।

# ଦୁର୍ବଳ କେଶ ପାଇଁ ଘିଅ

ଦେଶୀ ଘିଅ ଶରୀର ପାଇଁ ଖୁବ୍ ଉପକାରୀ ହୋଇଥାଏ । ଖାଦ୍ୟରେ ଦେଶୀ ଘିଅ ମିଶାଇବା ଦ୍ୱାରା ଏହାର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ । ଏହା ଦୈନନ୍ଦିନ ଖାଇବା ଦ୍ୱାରା ଶରୀରର ହାଡ ମଧ୍ୟ ଶକ୍ତ ହୋଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଘିଅକୁ କେଶରେ ବ୍ୟବହାର କରିବା କେତେ ଲାଭଦାୟକ ହୋଇଥାଏ । କେଶକୁ ସୁନ୍ଦର ଓ ଚମକଦାର କରିବା ପାଇଁ ଦୈନନ୍ଦିନ ଘିଅ ସେବନ କରିବା ଫଳଦାୟୀ ହୋଇଥାଏ । ତେବେ ଜାଣନ୍ତୁ ଘିଅର ଉପକାରିତା:

**ରୁପିର ମୁକ୍ତି:-** କେଶକୁ ଠିକ୍‌ରେ ଯତ୍ନ ନନେଲେ ରୁପି ହୋଇଥାଏ ଯଦି ରୁପିର କାରଣ ଶୁଷ୍କତା ତେବେ ଘିଅ ଔଷଧ ରୂପେ କାର୍ଯ୍ୟ କରିବ । ଯଦି କେଶରେ ରୁପି ହୋଇଛି ତେବେ ଘିଅକୁ ଅଳ୍ପ ଗରମ କରି ତାକୁ ଚୁଟି ମୂଳରେ ଭଲ କରି ଲଗାଇ ୧ଘଣ୍ଟା ପରେ ଉଷୁମ ପାଣିରେ ଧୋଇ ଦେବେ । ଏହି ପରି ବାରମ୍ବାର ମାସେ କରିବା ଦ୍ୱାରା ଚୁଟିରୁ ରୁପି ସମସ୍ୟା ଦୂର ହୋଇଯାଏ । ଏହା ଛଡ଼ା ଘିଅ ଓ ବାଦାମ ତେଲ ମିଶାଇ ଲଗାଇ କରି ୧୫ ମିନିଟରେ ଗୋଲାପ ଜଳ ପାଣିରେ ଧୋଇ ଦେଲେ ରୁପି ସମସ୍ୟା ରହେନାହିଁ ।

**ଚୁଟି ଛିଡ଼ିବା-** କେଶରେ ପୋଷଣ କମ ଥିବା ହେତୁ ଏହା ରୁଖା ଓ ମୃତ ଦେଖାଯାଏ । ଫଳରେ କେଶ ଛିଡ଼ି ଝଡ଼ିବାରେ ଲାଗିଥାଏ । ଏହି ସମସ୍ୟାକୁ ଏଡାଇବା ପାଇଁ ଦୈନନ୍ଦିନ ୧ଘଣ୍ଟା ଘିଅକୁ ଗରମ କରି ହାଲକା ମାଲିସ କରିବା ଦ୍ୱାରା କେଶ ଘନ ଓ ଚମକଦାର ଦେଖାଯାଏ ।

**ଦୁଇମୁହାଁ କେଶରୁ ମୁକ୍ତି-** କେଶକୁ ଚମକଦାର ଓ ନରମ କରିବା ପାଇଁ ଘିଅରେ ମାଲିସ କରନ୍ତୁ । ଫଳରେ କେଶ କଳା, ଘନ, ମଜବୁତ ଓ ନରମ ହୋଇଥାଏ । ଯଦି ଆପଣ ୩ଚାମଚ ଘିଅକୁ ଗରମ କରି ଲଗାଯାଏ ତେବେ ସମସ୍ତ ସମସ୍ୟାକୁ ଦୂର କରାଯାଇପାରିବ ।

**ଘନ କେଶ-** ମାସକୁ ୩ଥର ଘିଅ ଲଗାଇ ମାଲିସ କରିବା ଦ୍ୱାରା କେଶ ଖୁବ ଶୀଘ୍ର ବଢ଼ିଥାଏ । ମୁଣ୍ଡରେ ଘିଅ ଲଗାଇ ମାଲିସ କରି ୧୫ମିନିଟ ଛାଡ଼ିଦେବା ପରେ ଅଳ୍ପ ଉଷୁମ ପାଣିରେ ଧୋଇଲେ କେଶ ଘନ ଓ ଲମ୍ବା ହୋଇଥାଏ ।

# ଡଗ୍ ଥେରାପି

ବିଭିନ୍ନ ପ୍ରକାର ଥେରାପି ସମ୍ବନ୍ଧରେ ଆପଣ ଜାଣିଥିବେ । ହେଲେ କେବେ 'ଡଗ୍ ଥେରାପି' ସମ୍ବନ୍ଧରେ ଶୁଣିଛନ୍ତି କି ? ବର୍ଷରୁ କମ ବୟସ୍କ ଶିଶୁମାନଙ୍କ ନିକଟରେ ଦେଖା ଯାଉଥିବା 'ଏଡିଏଚଡି' **Attention Deficit Hyperactivity Disorser** ନାମକ ରୋଗର ନିରାକରଣ ପାଇଁ ଏହି ଥେରାପି ବ୍ୟବହାର କରାଯାଇ ପାରିବ । ଉପଯୁକ୍ତ ଯତ୍ନ ଏବଂ ଧ୍ୟାନ ଅଭାବରୁ ଶିଶୁମାନଙ୍କ ନିକଟରେ ଏହି ରୋଗ ଦେଖାଯାଏ । ଏହା ଏକ ପ୍ରକାର ମାନସିକ ରୋଗ । ୟୁନିଭସିଟି ଅଫ୍ କାଲିଫର୍ଣ୍ଣିଆର ବିଶେଷଜ୍ଞମାନେ ଏହି ଥେରାପିର ଉଦ୍ଭାବନ କରିଛନ୍ତି । ଡଗ୍ ଥେରାପି ପାଇଁ ଏକ ସ୍ୱତନ୍ତ୍ର ପ୍ରଜାତିର କୁକୁରକୁ ତାଲିମ ଦିଆ ଯାଇଥାଏ । ହସ୍ପିଟାଲରେ କିମ୍ବା ଘରେ ଏଡିଏଚଡି ରୋଗାଗ୍ରସ୍ତ ଶିଶୁମାନଙ୍କ ଉପଚାର ପାଇଁ ଶିଶୁମାନଙ୍କୁ ଏହି କୁକୁର ସହ ରହିବାକୁ ପଡ଼ିଥାଏ । ତାଲିମପ୍ରାପ୍ତ କୁକୁର ସହ ରହିବା ଦ୍ୱାରା ଶିଶୁର ମାନସିକ ସ୍ଥିତି ସ୍ୱାଭାବିକ ହୋଇ ପାରିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ୧୨ ସପ୍ତାହ ଧରି ଏହି ଥେରାପି ନେବା ଦ୍ୱାରା ଏହି ରୋଗର ସମ୍ପୂର୍ଣ୍ଣ ଉପଚାର ହୋଇପାରିବ ।



# ମୃତକଙ୍କ ପାଇଁ ହୋଟେଲ

ଆପଣମାନେ ବହୁତ ପ୍ରକାରର ହୋଟେଲ ବିଷୟରେ ବିଭିନ୍ନ କଥା ଶୁଣିଥିବେ । କିନ୍ତୁ ଆପଣ କେବେ ମୃତବ୍ୟକ୍ତିଙ୍କ ପାଇଁ ନିର୍ମିତ ହୋଟେଲ ବିଷୟରେ ଶୁଣି ନଥିବେ, ଏକଥା ଶୁଣିଲା ବେଳକୁ ଅଜବ ଲାଗିଲେ ବି ଏହା ସତ । ଜାପାନରେ ଏମିତି ଏକ ହୋଟେଲ ରହିଛି ଯାହା କେବଳ ମୃତ ବ୍ୟକ୍ତିମାନଙ୍କ ପାଇଁ କରାଯାଇଛି । ହିସାୟୋଶୀ ଟେରାମୁରା ନାମକ ବ୍ୟକ୍ତି ଏହି ଭିନ୍ନ ଧରଣ ହୋଟେଲର ମାଲିକ ଅଟନ୍ତି । ଯେ ମୃତବ୍ୟକ୍ତି ମାନଙ୍କ ଯତ୍ନ ନେବାର ବ୍ୟବସାୟ ଆରମ୍ଭ କରିଦେଇଛନ୍ତି । ହୋଟେଲର ନା' ହେଉଛି 'ଲାଷ୍ଟେଲ' ଏଠାରେ ମୃତ ବ୍ୟକ୍ତିକୁ ରଖିବା ପାଇଁ ଦୈନିକ ୧୨ହଜାର ୟେନ ଦେବାକୁ ପଡୁଥିବା ବେଳେ, ହୋଟେଲର କର୍ମଚାରୀମାନେ ଶବର ଭଲଭାବେ ଯତ୍ନ ମଧ୍ୟ ନେଇଥାନ୍ତି । ତେବେ ମୃତକମାନଙ୍କ ପାଇଁ ହୋଟେଲ ନିର୍ମାଣ କରିବାର ମୁଖ୍ୟ କାରଣ ହେଲା ଜାପାନରେ ଦିନକୁ ଦିନ ଜନସଂଖ୍ୟା ବଢୁଥିବା ବେଳେ, ଏଠାରେ ମୃତ ବ୍ୟକ୍ତିଙ୍କ ଶବ ସତ୍କାର ପାଇଁ ଯାଗାର ଘୋର ଅଭାବ ଦେଖାଦେଉଛି । ଫଳରେ ମୃତକମାନଙ୍କ ପରିଜନ ଏହି ହୋଟେଲରେ କିଛି ଦିନ ଶବକୁ ରଖିବା ପରେ ଅନ୍ତିକ କ୍ରିୟା ପାଇଁ ଯାଗା ମିଳିଗଲେ ଶବକୁ ହୋଟେଲରୁ ନେଇଯାନ୍ତି ଶବ ସତ୍କାର ପାଇଁ ।

# ଭୁଲତାକୁ ଘନ କରିବା ପାଇଁ.....

ମୁଖକୁ ସୁନ୍ଦର କରେ ଆମର ଭୁଲତା, ଯଦି ଭୁଲତା ସୁନ୍ଦର ଏବଂ ଘନ ନହେବ ତେବେ ଏହା ମୁଖର ସୁନ୍ଦରତାକୁ କ୍ଷର୍ଣ୍ଣ କରେ । ରୋଷେଇ ଘରେ ରହିଥିବା ପିଆଜ ସୁନ୍ଦରତା ବଢ଼ାଇବାରେ ଖୁବ୍ ସହାୟକ କରେ । ଏଥିରେ ରହିଥିବା ସଲଫର, ସୋଡ଼ିୟମ, ଭିଟାମିନ୍ ବି ଏବଂ ସି ଆଇବ୍ରୋକୁ ଘନ ଏବଂ ମଜଭୁତ କରିବାରେ ସାହାଯ୍ୟ କରେ । ଆଜି ଆମେ ଆପଣଙ୍କୁ ଜଣାଉଛୁ ପିଆଜ ବ୍ୟବହାର କରି କିପରି ଭୁଲତାକୁ ଘନ କରି ହେବ । ଯାହା ଆପଣଙ୍କ ଲୁକ୍‌କୁ ପରିବର୍ତ୍ତନ କରି ଦେବ ।

**ପ୍ରସ୍ତୁତ କରିବାର ତରିକା-** ଗୋଟେ ପିଆଜକୁ ବାଟି ଏହାର ରସ ବାହାର କରି ରଖିଦିଅନ୍ତୁ । ଏବେ ଭିଟାମିନ ଇ ଅଏଲ ନିମନ୍ତେ ଗୋଟେ ଭିଟାମିନ ଇ- କ୍ୟାପସୁଲରୁ ତେଲ ବାହାର କରନ୍ତୁ । ପୁଣି ଉଭୟକୁ ଭଲ ରୂପେ ମିଶେଇ ନିଅନ୍ତୁ । ଏବେ ଭୁଲତାକୁ ଏକ କଟନ କପଡ଼ାରେ ଭଲ ରୂପେ ପୋଛି ସଫା କରିଦିଅନ୍ତୁ । ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ତୁଳା ସାହାଯ୍ୟରେ ଆଇବ୍ରୋ ଉପରେ ଲଗାନ୍ତୁ । ଏହାକୁ ୧୦ମିନିଟ୍ ଲଗାଇ ରଖିବା ପରେ ତ୍ୱଚାକୁ ପାଣିରେ ଧୋଇ ଦିଅନ୍ତୁ । ଏପରି ପ୍ରକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଆଇବ୍ରୋ କଳା ଏବଂ ଘନ ହୋଇଥାଏ ।

# ମୋଟାପଣ ଓ ହୃଦ୍‌ରୋଗ ପାଇଁ ନୂଆ ଔଷଧ କାଢ଼ିଲେ ଗବେଷକ



ମୋଟାପଣ ଓ ହୃଦ୍‌ରୋଗ ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଯାଇଛି । ଏହି ସମସ୍ୟା ପାଇଁ ଟେକ୍ସାସ୍ ୟୁନିଭରସିଟି ସମାଧାନର ବାଟ ଖୋଜିପାଇଛି । ବୈଜ୍ଞାନିକମାନେ ଦାବିର ସହ କହିଛନ୍ତି କି ମିଳିଥିବା ଏହି ଉପାୟରୁ ମୋଟାପଣର କାରଣ ବନୁଥିବା ଏନ୍‌ଜାଇମ୍‌କୁ ଶରୀରରେ ପ୍ରଭାବ ପକାଇବାରୁ ରୋକାଯାଇ ପାରିବ । ବୈଜ୍ଞାନିକମାନେ ବହୁଦିନର ଚେଷ୍ଟା ପରେ ଏକ ଫଳପ୍ରଦ ଔଷଧ ବାହାର କରିବାରେ ସମର୍ଥ ହୋଇଛନ୍ତି ।

ଏ ନେଇ ୨୦୨୨ ମସିହା ଫେବୁଆରି ମାସରେ ପ୍ରକାଶ ପାଇଥିବା ଏକ ପତ୍ରିକାରେ ଉଲ୍ଲେଖ କରାଯାଇଛି । ବୈଜ୍ଞାନିକମାନେ ଗବେଷଣାରେ ଗଛ ଓ କିଛି ଖାଦ୍ୟପଦାର୍ଥରେ ମିଳୁଥିବା ବାୟୋ ଏକ୍ଟିଭ୍ କମ୍ପାଉଣ୍ଡ୍ ଉପରେ ଗବେଷଣା କରିଛନ୍ତି । ଏହି ଗବେଷଣାରୁ ଔଷଧ ସହିତ ମୋଟାପାଣକୁ ନିୟନ୍ତ୍ରଣ କରିବାରେ ବ୍ୟାୟାମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବୈଜ୍ଞାନିକମାନେ ଜାଣିପାରିଛନ୍ତି । ଜଣେ ଗବେଷକଙ୍କ କହିବାନୁସାରେ ମୋଟାପଣ, ହୃଦ୍‌ରୋଗ ଓ ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ତାଙ୍କ ପରିବାରର ଅନେକ ସଦସ୍ୟଙ୍କ କ୍ଷେତ୍ରରେ ରହିଥିବାରୁ ସେ ବଡ଼ ହେଲେ ଏସବୁର ସମାଧାନର ବାଟ କାଢ଼ିବେ ବୋଲି ନିଷ୍ପତ୍ତି ନେଇଥିଲେ । ତାହା ସେ ଏବେ ସତ କରି ଦେଖାଇଛନ୍ତି । ସେ ଏବେ ଏପରି ଏକ ଛୋଟ ଅଣୁ ବିକଶିତ କରିବାରେ ସମର୍ଥ ହୋଇଛନ୍ତି ଯେ ଯାହାକି ମୋଟାପଣ ସହ ଲଢ଼ିବାକୁ ସମର୍ଥ ହେବ । ତାଙ୍କ ଅନୁସାରେ ଏହି ସମସ୍ୟା କେବଳ ତାଙ୍କର ନୁହେଁ, ଦୁନିଆର ଆହୁରି ଅନେକ ପରିବାରର ।

# ଗୋଡ଼ର ମାଂସପେଶୀ ଆରାମ ପାଇବ

ପାଦ, ଗୋଡ଼ ଏବଂ ଜଂଘ ମଣିଷର ଛିଡ଼ାହେବା ତଥା ଚାଲିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ବଳାଗଣ୍ଠି, ଆଣ୍ଠୁ ଏବଂ ଜଂଘ ଅସ୍ଥିର ଯୋଡେଇ ସ୍ଥାନ ସହିତ ମାଂସପେଶୀଗୁଡ଼ିକ ଉପରେ ଖୁବ୍ ଚାପ ପଡ଼େ । ତେଣୁ ଶରୀର ନିମ୍ନ ଭାଗରେ ଥିବା ଏହି ଗଣ୍ଠି ଓ ମାଂସ ପେଶୀ ସୁସ୍ଥ ରହିବା ଜରୁରୀ । ଏଥିପାଇଁ ବୀରାସନ ନାମକ ଏକ ଆସନ କରିବା ଲାଗି ପରାମର୍ଶ ଦିଆଯାଏ । ତେବେ ସମସ୍ତଙ୍କ ପାଇଁ ଏହା କରିବା ସହଜ ନୁହେଁ । ଏହି ସରଳ ଉପାୟ କରିପାରିଲେ ଗୋଡର ମାଂସପେଶୀ ସୁଦୃଢ଼ ରହିବ । ଏହା ମଧ୍ୟ ଅନେକ ସମୟରେ ପେଣ୍ଡାରେ ହେଉଥିବା ଯନ୍ତ୍ରଣା କମାଇଥାଏ । ଟାଣ ଫୋମ ବା ସ୍ପଞ୍ଜର ଦୁଇଟି ୮-୪-୪ ଇଞ୍ଚ ଇଟା ନିଅନ୍ତୁ । ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ବସି ପଡ଼ନ୍ତୁ । ଇଟା ଦୁଇଟି ପଛପଟେ ଗୋଟିକ ଉପରେ ଗୋଟିଏ ପରି ରହୁଥିବା ଆଣ୍ଠେଇବା ସହିତ ପାଦ ଇଟାର ଦୁଇ ପାର୍ଶ୍ୱରେ ଲମ୍ବାଇଦେବେ ଏବଂ ଆଣ୍ଠୁ ଉପର ସଳଖ ଭାବେ ୯୦ ଡିଗ୍ରୀ ହୋଇ ରହୁଥିବା ଜରୁରୀ ।

- ନିତମ୍ବ ଇଟା ଉପରେ ରହୁଥିବ ।
- ଏବେ ଆଣ୍ଠୁ ଭାଙ୍ଗି ଇଟା ଉପରେ ନିତମ୍ବ ରଖି ବସିପଡ଼ିବେ ।
- ଆଣ୍ଠୁ ଦୁଇଟି ପାଖାପାଖି ରହୁଥିବ ।
- ଧୀର ଶ୍ୱାସକ୍ରିୟା ସହ ତିନିମିନିଟ ଏହି ଅବସ୍ଥାରେ ରହିବା ପରେ ଧୀରେଧୀରେ ଉଠିବେ ଏବଂ ପୁଣି ଦୁଇଗୋଡ଼ ଆଗକୁ ଲମ୍ବାଇ ଆଣିବେ । କିଛି ସମୟ ବିଶ୍ରାମ କରିବା ପରେ ଏହାର ପୁନରାବୃତ୍ତି କରନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତେଲ ଜଳିବ ନିଆଁରେ...

ରୁଷ-ୟୁକ୍ରେନ ଲଢ଼େଇରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ବିପୁଳ ତୈଳ ସମ୍ପଦ । ଏମିତିରେ ହଜାର ହଜାର କୋଠାବାଡ଼ି ଏବଂ ଅସଂଖ୍ୟ ବିଶ୍ୱବିଦ୍ୟାଳୟ ଧ୍ୱଂସ ପାଇଯାଇଛି । ବିଭିନ୍ନ ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢ଼ିବାକୁ ଆସିଥିବା ଛାତ୍ରମାନେ ପ୍ରାଣବିକଳରେ ନିଜ ଦେଶକୁ ଫେରିବାକୁ ବାଧ୍ୟ ହୋଇଛନ୍ତି । ଯେହେତୁ ରୁଷ ସରକାର ଅଶୋଧିତ ତେଲ ଉପରେ କଟକଣା ଜାରି କରିଦେଇଛି, ତୈଳ ଦର ସର୍ବାଧିକ ସ୍ତରରେ ପହଞ୍ଚି ସାରିଛି । ହୋଇପାରେ ଖୁବ୍ ଶୀଘ୍ର ୨୦୦ ଡଲାର ସ୍ତରକୁ ଶୀଘ୍ର ଛୁଇଁବାକୁ ବେଶୀ ସମୟ ଲାଗିପାରେ । ଏବେ ୧୩୯ ଡଲାର ଡେଇଁ ସାରିଲାଣି ଏବଂ ଶୀଘ୍ର ମାନ୍ଦାବସ୍ଥା ଆଡ଼କୁ ତାହା ଅଗ୍ରସର ହୋଇଚାଲିବ । ଉଭୟ ୨୦୦୮ ବେଳକୁ ସର୍ବେ ବିନ୍ଦୁକୁ ସ୍ପର୍ଶ କରିବା ଭଳି ସ୍ଥିତି ଉତ୍ପନ୍ନ ହୋଇଛି । ପ୍ରତି ମିନିଟେର ବ୍ରେଟ୍ ମୁନ୍ ୧୩୯ ଡଲାର ଛୁଇଁଲା ବେଳକୁ କାରବାର ବ୍ୟାରେଲ ପିଛା ୧୨୪.୭୧ ଏବଂ ପାଇକାରୀ ମୂଲ୍ୟସୂଚୀ ୧୨୨.୩୫ ଡଲାରକୁ ହ୍ରାସ ପାଇଥିଲା । କାରବାର ଶେଷକୁ ଯଥାକ୍ରମେ ୧୧୮.୧୧ ଡଲାର ଏବଂ ୧୧୫.୧୫ରେ ବନ୍ଦ ରହିଛି । ସମୀକ୍ଷକମାନେ ମତ ଦେଉଛନ୍ତି କି, ଅଶୋଧିତ ତେଲ ଉପରେ କଟକଣା ଦିନକୁ ୫୦ଲକ୍ଷ ବ୍ୟାରେଲି କିମ୍ବା ତଦୁ କଟକଣା ରହିଲେ ଅଶୋଧିତ ତୈଳ ସଂକଟ ଦେଖାଦେବା ଥୟ । ବିଶ୍ୱ ତୈଳ ବଜାର ସ୍ଥିତିକୁ ଦେଖିଲେ ତାହାର ପାଇକାରୀ ବଜାରରେ ସୁଦୂରପ୍ରସାରୀ ପ୍ରଭାବ ଅନୁଭୂତ ହେବାକୁ ବାଧ୍ୟ । ଜାପାନ ଭଳି ଦେଶ ରୁଷ ଦେଶର ତେଲ ରପ୍ତାନି ତଥା ଏନ୍ଏନ୍ଏଜି କାରୀ ଦେଶ । ଭାରତର ମଧ୍ୟ ଯୋଗାଣକାରୀ ଦେଶ ହେଉଛି ରୁଷ । ଉଭୟ ରୁଷ ଏବଂ ଭାରତ ବିଭିନ୍ନ ଭାବରେ ଏଥିପାଇଁ ଚୁକ୍ତିବଦ୍ଧ । କରୋନା ସଂକ୍ରମଣ ନେଇ ବିଶ୍ୱବାସୀ ଛଟପଟ ହେଉଥିଲେ ତହିଁର ବହୁ ଗୁଣ କ୍ଷତିଗ୍ରସ୍ତ ହୋଇସାରିଲେଣି । ୟୁକ୍ରେନ ଉପରେ ରୁଷର ଆକ୍ରମଣ ଓ ତଜ୍ଜିତ କ୍ଷୟକ୍ଷତି ଅସୁମାରୀ ଦୁଃଖ ଓ ଯନ୍ତ୍ରଣା ଆଣି ଦେଇଛି । ବିଶ୍ୱ ମହାଯୁଦ୍ଧ ସମୟରେ ଯେତିକି ଓ ଯେଉଁ ପରିମାଣର କ୍ଷତି ସାଧିତ ହୋଇନାହିଁ, ତାହାଠାରୁ ବହୁଗୁଣ କ୍ଷତି ହୋଇସାରି ଯୁଆଡ଼େ ଚାହିଁବ କୁଡ଼ କୁଡ଼ ଧ୍ୱଂସ ସ୍ତୁପ। ଯେଉଁ ନାଟୋ ମେଣ୍ଟ ଏବଂ ଖାସ୍ କରି ଆମେରିକା ସାହାଯ୍ୟ । କରିବାର ପ୍ରତିଶ୍ରୁତି ଦେଇଥିଲା, ତାହା ପାଳନ କଲାନାହିଁ । ବାହାରୁ ପ୍ରତିଶ୍ରୁତିର ପାହାଡ଼ ଦେଖାଇଦେଇ ଯେମିତି ଫସାଇଦେଲା । ସ୍ଥିତି ଯାହା ହେବା କଥା ହେଲା । ମିଳିତ ଜାତିସଂଘ ହେଉ କି' ନିରାପତ୍ତା ପରିଷଦ, ସବୁଠି ସବୁଠି ଅବସ୍ଥା । ମାନବିକତାର ବିଚାର କିଛି ନାହିଁ । ବିଶ୍ୱ ବିଚାରରେ କଳଙ୍କିତ ଖଳନାୟକ ରୂପେ ଉଭା ହୋଇଛନ୍ତି କ୍ଲାଦିମିର ପୁଟିନ । କେବଳ ୟୁକ୍ରେନ ନେତାଙ୍କୁ ନାଟୋ ମେଣ୍ଟଭୁକ୍ତ କରାଇନଦେବା ଭଳ ଜିଦ୍ ସହିତ ପୁରା ସାମ୍ରାଜ୍ୟକୁ କରଗତ ହେଉଛି ପୁଟିନଙ୍କର ଏକମାତ୍ର । ତାହାର ପରିଣତି କିଭଳି ଭୟଙ୍କର ହୋଇପାରେ ତାହାର ପ୍ରମାଣ ସମସ୍ତେ ଦେଖିଲେଣି । ଦୁଇ ଦୁଇ ଥର ବୈଠକର ବିଫଳତା ପରେ ସୁଦ୍ଧା ସମସ୍ତେ ଶାନ୍ତି ବୈଠକକୁ ଚାହିଁ ବସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମ କ୍ରମେ ଉଭୟ ୟୁକ୍ରେନ୍ ନେତା ଓ ପୁଟିନଙ୍କ ସହ ଦିନରେ ଦୁଇଥର କଥାବାର୍ତ୍ତା ହୋଇଛି । ୟୁକ୍ରେନ ନେତାଙ୍କର ଜିଦ୍ ଏବଂ ପୁଟିନଙ୍କର କଠୋର ଆଭିମୁଖ୍ୟ କାରଣରୁ ଏମିତି ଦୁଭାଗ୍ୟପୂର୍ଣ୍ଣ ପରିଣତିକୁ ଡାକିଆଣିଲା । ଏମିତିରେ ପୁଂସକୁ ଡାକିଆଣିଲା ଭଳି ଏକସମୟରେ ଆଫଗାନିସ୍ଥାନ, ଇରାକ ସହ ଉପସାଗରୀୟ ସଂଘର୍ଷକୁ ଡାକି ଆଣିଥିଲା । କାବୁଲକୁ କରଗତ କରିବା ବେଳେ ଉତ୍ପନ୍ନ ସ୍ଥିତି ସମସ୍ତଙ୍କର ସ୍ମରଣ ଥିବ। ଇତିମଧ୍ୟରେ ଇସ୍ଲାମ ଧର୍ମ ଭିତ୍ତିକ ରାଷ୍ଟ୍ର ସମସ୍ତଙ୍କ ପାଇଁ କିଭଳି ରାଷ୍ଟ୍ରଧର୍ମ ପାଲଟିଛି, ତାହା ସମସ୍ତେ ଦେଖୁଛନ୍ତି । ୟୁକ୍ରେନ ସମଦଶା ଭୋଗ ନକରୁ । ଏହା ନଘଟିବା କିମ୍ବା ଘଟିବାକୁ ନଦେବା କେବଳ ୟୁକ୍ରେନର ଦାୟିତ୍ୱ ନୁହେଁ, ଏହା ସମସ୍ତଙ୍କର ଦାୟିତ୍ୱ । ଏକବିଂଶ ଶତାବ୍ଦୀରେ କେବଳ ବିଶ୍ୱ ରାଜନୀତି ନୁହେଁ, କୂଟନୀତି ଏବଂ ଯୁଦ୍ଧନୀତି ମଧ୍ୟ ବଦଳି ସାରିଛି । ଏହାକୁ ସ୍ମରଣ ରଖି ଏବେ ଜାତିସଂଘ ବ୍ୟବସ୍ଥାରେ ସଂସ୍କାର ଆଣିଲେ । ହୁଏତ ସେଥିରୁ କିଛି ସୁଫଳ ମିଳିପାରେ ଯାହା ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ଦିଗରେ ସହାୟକ ହୋଇପାରିବ ।

# କାନ୍ତକବି ଲକ୍ଷ୍ମୀକାନ୍ତ

ଦିଲ୍ଲୀପ କୁମାର ସାହୁ

ବନ୍ଦେ ଉତ୍କଳ ଜନନୀ । ଏହି ସଙ୍ଗୀତଟି ଶୁଣିବାମାତ୍ରେ ପ୍ରତି ଓଡ଼ିଆଙ୍କ ପ୍ରାଣ ପୁଲକିତ ହୋଇଉଠେ । ମନରେ ଦେଶପ୍ରେମ ର ବହ୍ନି ପ୍ରଜ୍ୱଳିତ ହେବାକୁ ଆରମ୍ଭ କରେ ଏବଂ ଜାତିର ଗୌରବ ଗାଥା ଶୁଣି ଗର୍ବରେ ଫୁଲି ଉଠେ ପ୍ରତି ଓଡ଼ିଆଙ୍କ ଛାତି । ସେହି ମନଛୁଆଁ ଦେଶଭକ୍ତି ଗୀତ ଆମ 'ରାଜ୍ୟ ସଙ୍ଗୀତ', ଆଉ ତାର ସ୍ରଷ୍ଟା ହେଉଛନ୍ତି ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, କ୍ରାନ୍ତିକାରୀ ସମାଜ ସଂଗଠକ ଓ ମହାନ ସାରସ୍ୱତ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ।

କାନ୍ତକବିଙ୍କର ପୈତୃକ ଗ୍ରାମ ଭଦ୍ରକ ଜିଲ୍ଲା ତିହିଡି ବ୍ଲକର ତାଳପଦା । ସେ କିନ୍ତୁ ଜନ୍ମ ହୋଇଥିଲେ କଟକ ସହରର ବାଖରାବାଦ୍ ସ୍ଥିତ ଧୂଆଁପତୁରିଆ ଗଳିରେ । ସେଦିନ ଥିଲା ୧୮୮୮ ମସିହ ଡିସେମ୍ବର ୯ ତାରିଖ, ପବିତ୍ର ମାଣବସା ଗୁରୁବାର ।

ଘରେଘରେ ମାଆ ଲକ୍ଷ୍ମୀଙ୍କର ପୂଜାଅର୍ଚ୍ଚନା ଚାଲିଥିବାବେଳେ ପିତା ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ଓ ମାତା ରାଧାମଣୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ସେ ।

ଲକ୍ଷ୍ମୀ ପୂଜା ଦିନ ଜନ୍ମ ହୋଗଥିବାରୁ ବାପା ମାଆ ତାଙ୍କ ନାମ ରଖିଥିଲେ ଲକ୍ଷ୍ମୀକାନ୍ତ । କାନ୍ତକବିଙ୍କ ବାପା ଭାଗବତ ପ୍ରସାଦ ବିହାର-ଓଡ଼ିଶା ବିଧାନ ସଭାରେ ୪ ଥର ପ୍ରତିନିଧିତ୍ୱ କରିଥିଲେ ଓ ସେଥି ମଧ୍ୟରୁ ଦୁଇଥର ଉପ-ବାଚସ୍ପତି ଦାୟିତ୍ୱ ନିର୍ବାହ କରିଥିଲେ ।

ଲକ୍ଷ୍ମୀକାନ୍ତଙ୍କର ପିଲାଦିନ କଟିଥିଲା ତାଙ୍କ ମାମୁଘର ବାଲେଶ୍ୱରରେ, ସେଇଠି ସେ ହାଇସ୍କୁଲ ଶିକ୍ଷା ଶେଷକରି କଲିକତାର ପିଓନ କଲେଜରେ ଅଧ୍ୟୟନ କରିଥିଲେ । ୧୯୧୩ ମସିହାରେ ସେ କଟକର ରେଭେନ୍ସା କଲେଜରେ ନାମ ଲେଖାଇଥିଲେ ଓ ସେହିଠାରୁ ସେ କଳାରେ ସ୍ନାତକ ଡିଗ୍ରୀ ଲାଭ କରିଥିଲେ ।

ହାଇସ୍କୁଲରେ ପଢିବା ସମୟରେ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ଲକ୍ଷ୍ମୀକାନ୍ତ କାରାବରଣ କରିଥିଲେ । ମହାତ୍ମାଗାନ୍ଧୀଙ୍କ ଡାକରାରେ ସାରା ଭାରତରେ ଆରମ୍ଭ ହୋଇଥିବା ଅସହଯୋଗ ଆନ୍ଦୋଳନ ଏବଂ ଲବଣ ସତ୍ୟାଗ୍ରହ କାନ୍ତକବିଙ୍କ ସାରା ପରିବାର ଉପରେ ଗଭୀର ପ୍ରଭାବ ପକାଇଥିଲା । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଲକ୍ଷ୍ମୀକାନ୍ତଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିଥିଲା ।

ସେତେବେଳେ ଭଦ୍ରକର ଇଞ୍ଚୁଡିଠାରେ ଆୟୋଜିତ ହୋଇଥିବା ଲବଣ ସତ୍ୟାଗ୍ରହ ରେ ତାଙ୍କ ପରିବାରର ସମସ୍ତେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିଲେ ।

ବାପା ଭାଗବତ ପ୍ରସାଦ, ଭଉଣୀ କୋକିଳା ଦେବୀ ଓ ଜାହ୍ନବୀ ଦେବୀ, ସାନଭାଇ କମଳାକାନ୍ତ ଏବଂ ଲକ୍ଷ୍ମୀକାନ୍ତଙ୍କ ବଡ଼ ପୁଅ ନିତ୍ୟାନନ୍ଦ ମହାପାତ୍ର ଏହି ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ପିଲାଟିବେଳୁ ଲକ୍ଷ୍ମୀକାନ୍ତ ଥିଲେ ଜଣେ ସାହିତ୍ୟ ଅନୁରାଗି । ପରବର୍ତ୍ତୀ ସମୟରେ ଲୋକମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ ପାଇଁ ଆକୃଷ୍ଟ କରିବା ନିମନ୍ତେ ସେ ସାହିତ୍ୟର ଆଶ୍ରୟ ନେଇଥିଲେ । ନିଜେ ସରଳ ଶବ୍ଦ ସଂଯୋଜନା କରି ସୁନ୍ଦର ସୁନ୍ଦର ଦେଶଭକ୍ତି ଗୀତ ଲେଖୁଥିଲେ ଓ ସେଗୁଡିକୁ ସ୍ୱରଦେଇ ସୁଲଳିତ କଣ୍ଠରେ ଗାନକରୁଥିଲେ ଯାହାକି ତତ୍କାଳୀନ ସାମାଜରେ ଲୋକମାନଙ୍କୁ ବେଶ୍ ପ୍ରଭାବିତ କରିପାରୁଥିଲା । ସେ ଥିଲେ ଏକାଧାରରେ କବି, ସଂଗୀତକାର, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ। ଲକ୍ଷ୍ମୀକାନ୍ତଙ୍କ ଛନ୍ଦାୟିତ ସୁମଧୁର କବିତାବଳୀ ଆବାଳ ବୃଦ୍ଧବନିତାଙ୍କ ନିକଟରେ ଥିଲା ଅତିପ୍ରିୟ, ଯାହା ପ୍ରତିଧ୍ୱନିତ ହୁଏ ତାଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ପଦ୍ୟର ପ୍ରତିଟି ଶବ୍ଦରେ । ସେଇଥିପାଇଁତ ତାହା ଆଜି ଓଡ଼ିଶାର ରାଜ୍ୟ ସଙ୍ଗୀତର ମର୍ଯ୍ୟାଦା ଲାଭ କରିଛି । କାନ୍ତକବି ୧୯୧୨ ମସିହାରେ ସେହି ପଦ୍ୟଟିକୁ ରଚନା କରିଥିଲେ ଓ ତାହା ୧୯୧୪ ମସିହାରେ ପ୍ରକାଶିତ ହୋଇଥିଲା । ସୁଲଳିତ କଣ୍ଠ ଓ କୋମଳ ପଦାବଳୀ ଯୋଗୁ ରେଭେନ୍ସା କଲେଜରେ ପଢିବା ସମୟରେ ତାଙ୍କ ବନ୍ଧୁ ମହଲରେ ଲକ୍ଷ୍ମୀକାନ୍ତ କାନ୍ତକବି ଭାବରେ ପରିଚିତ ଥିଲେ । ତାଙ୍କର ଅପୂର୍ବ ସାରସ୍ୱତ ସୃଷ୍ଟି ପାଇଁ ବନ୍ଧୁ ମହଲରୁ ଆରମ୍ଭ ହୋଇଥିବା ସେହି ଶ୍ରଦ୍ଧା ନାମ କାନ୍ତକବି ଭାବରେ ସେ ପରିଚିତ ହୋଇଗଲେ ସାରା ଓଡ଼ିଶାରେ । କାନ୍ତକବି ଲକ୍ଷ୍ମୀକାନ୍ତ ।

କାନ୍ତକବି ଲକ୍ଷ୍ମୀକାନ୍ତ ଥିଲେ ଜଣେ ଦରଦୀ କଥାଶିଳ୍ପୀ । ବୁଢା ଶଙ୍ଗାରୀ ଗଳ୍ପ ତାର ନିଛକ ପ୍ରତିଶ୍ରୁତି । ଜମିଦାର ଘରର ବୋହୂ ପ୍ରତି ପିତୃତୁଲ୍ୟ ଆନ୍ତରିକତା, ଆସମାନତାରା ଚୁଡି ଗଢି ଆଣିବାର ଅନାବିଳ ସ୍ନେହ, ଶେଷରେ ବୋହୂର ବିଧବା ରୂପ ଦେଖି ଯନ୍ତ୍ରଣାରେ ଜର୍ଜରିତ ହେବା ପାଠକ ମାନଙ୍କ ଆଖିରେ କେବଳ ଲୁହ ଭରିଦିଏନି ହୃଦୟକୁ ମଧ୍ୟ କନ୍ଦାଇ ଦିଏ ।

କାନ୍ତକବିଙ୍କ ଅନ୍ୟତମ କବିତା ସଙ୍କଳନ ଜୀବନ ସଙ୍ଗୀତକୁ ସମାଲୋଚକମାନେ ଓଡ଼ିଆ ଭାଷାର ଗୀତାଞ୍ଜଳି ବୋଲି ଅଭିହିତ କରିଥାନ୍ତି । ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳି ଯେମିତି ମାର୍ମିକ ଓ ହୃଦୟସ୍ପର୍ଶୀ କାନ୍ତକବିଙ୍କ ଜୀବନ ସଙ୍ଗୀତ ସଂକଳନର କବିତା ଗୁଡିକ ମଧ୍ୟ ସେହିଭଳି ମନଛୁଆଁ ଓ ପ୍ରାଣସ୍ପର୍ଶୀ ।

ଏହି ସଂକଳନର ସବୁଠୁ ଚର୍ଚ୍ଚିତ ଓ ହୃଦୟକୁ ଆଲୋଡିତ କଲାଭଳି ଗୀତଟି ହେଉଛି ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡାଇବ ହେ ।

ଜୀବନ ସଙ୍ଗୀତକୁ ଛାଡି କାନ୍ତକବିଙ୍କ ଅନ୍ୟାନ୍ୟ କବିତାବଳି ମଧ୍ୟରେ ବବିଧ କବିତା, କଲ୍ଲୋଳ, ଜାତୀୟ ସଙ୍ଗୀତ ଓ ହାସ୍ୟରସାତ୍ମକ କବିତା ଆଦି ଅନ୍ୟତମ କାନ୍ତକବି ଶିଶୁ ମାନଙ୍କ ପାଇଁ ମଧ୍ୟ ଅନେକ ଉପାଦେୟ ଗପ ଓ କବିତା ଲେଖି ଯାଇଛନ୍ତି। କାନ୍ତକବିଙ୍କର ଏକମାତ୍ର ଉପନ୍ୟାସ 'କଣାମାମୁ' ତାଙ୍କର ଏକ ଅସାଧାରଣ ସୃଷ୍ଟି । ୧୯୩୭ ମସିହାରେ ସେ ଏହି ପୁସ୍ତକକୁ ରଚନା କରିଥିଲେ । ଏହାର ନାୟକ କଣାମାମୁ ଉଦ୍ଦାମତାର ପ୍ରତିଛବି । ସଭା ହରାଇ ବସିଥିବା ବୀର ଜାତିର ଯୁବପିଢ଼ିକୁ ପୁଣି ଜାଗ୍ରତ କରିବା ଓ ସେମାନଙ୍କ ମନୋବଳକୁ ଦୃଢ କରିବା ଥିଲା ଏହି ଅନନ୍ୟ ଚରିତ୍ର ମାଧ୍ୟମରେ କାନ୍ତକବିଙ୍କ ଲକ୍ଷ୍ୟ ।

ଜଣେ ନାଟ୍ୟକାର ଭାବରେ କାନ୍ତକବି ଲେଖିଯାଇଛନ୍ତି ଅନେକ ପୌରାଣିକ, ରାଜନୈତିକ ଓ ସାମାଜିକ ନାଟକ । ସେଥି ମଧ୍ୟରୁ ଡିମ୍ୟକ୍ରେସି ସଭା, ହନୁମନ୍ତ ବସ୍ତ୍ରହରଣ, ଫିଲ୍ମଷ୍ଟାର ଆଦି ଅନ୍ୟତମ ।

ପ୍ରସିଦ୍ଧ ଓଡ଼ିଆ ଚଉପଦୀ ଗୁଡିକର ବ୍ୟଙ୍ଗାତ୍ମକ ପରିପ୍ରକାଶ ବା 'ଲାଳିକା' ରଚନା କାନ୍ତକବିଙ୍କର ଅନନ୍ୟ କୃତି। ସେଥି ମଧ୍ୟରୁ କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋରଚନ୍ଦ୍ରାନନ ଚମ୍ପୂ ଅନୁକରଣରେ ସେ ରଚନା କରିଥିବା ବ୍ୟଙ୍ଗାତ୍ମକ କବିତା ଟି ତାଙ୍କର ଶ୍ରେଷ୍ଠ ଲାଳିକା ।

କାନ୍ତକବି କେବଳ ଲେଖକ ବା କବି ନଥିଲେ ସେ ମଧ୍ୟ ଜଣେ ସୃଜନଶୀଳ ସମ୍ପାଦକ ଥିଲେ । ତାଙ୍କ ସମ୍ପାଦନାରେ ପ୍ରକାଶିତ ସାହିତ୍ୟ ପତ୍ରିକା ଡଗର ଥିଲା ଚିନ୍ତା ଓ ଚେତନାଗତ ନିର୍ଭୀକତାରେ ପରିପୁଷ୍ଟ ଏ ଜାତିର ସାଂସ୍କୃତିକ ମୁଖପତ୍ର ।

ଜଟିଳ ବ୍ୟାଧି, ବିଷାଦ, ଓ ନିଃସଙ୍ଗତା ଥିଲା ଲକ୍ଷ୍ମୀକାନ୍ତ ଙ୍କ ଜୀବନର ଚିରସାଥୀ । କିନ୍ତୁ ତାଙ୍କ କବିପ୍ରାଣ ଥିଲା ହାସ୍ୟରସର ସ୍ୱତଃସ୍ଫୂର୍ତ୍ତ ଉତ୍ସ। ବ୍ୟକ୍ତିଗତ ଜୀବନରେ ସେ ଅନେକ ଯନ୍ତ୍ରଣା ଓ ଗ୍ଲାନିରେ ରହୁଥିଲେ ବି ତାଙ୍କ ଲେଖାଗୁଡ଼ିକ ଆନନ୍ଦମୟ ଥିଲା ।

୧୯୫୩ ମସିହା ଫେବୃଆରୀ ୨୪ ତାରିଖରେ ସେହି ମହାନ ସାରସ୍ୱତ ସାଧକ ଇହଲୀଳା ସମ୍ବରଣ କରିଥିଲେ । କାଳଜୟୀ ସାହିତ୍ୟ ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ସାହିତ୍ୟର ଜଣେ ଅବିସ୍ମରଣୀୟ ଅଧ୍ୟାୟ।

ଶଙ୍କରପୁର, ଚାରବାଟିଆ, କଟକ

# ଚିନ୍ତାଜନକ ସଡ଼କ ଦୁର୍ଘଟଣା

ବୈଷ୍ଣବ ମେହେର

ସଡ଼କ ଦୁର୍ଘଟଣା ସାଧାରଣ ଲୋକଙ୍କ ପାଇଁ ଏତେ ଦେହସୁହା ହୋଇଗଲାଣି ଯେ, ମର୍ମନ୍ତୁଦ ଦୁର୍ଘଟଣା ଘଟିଲେ ବି ଲୋକ ଆଉ ସେତେଟା ଗୁରୁତ୍ୱ ଦେଉ ନାହାନ୍ତି । ୨୦/୩୦ ବର୍ଷ ପୂର୍ବେ କାଁଭାଁ କେବେ କେଉଁଠି ଦୁର୍ଘଟଣା ଘଟୁଥିବା ବେଳେ ଗ୍ରାମାଂଚଳରେ ଦୁର୍ଘଟଣାର ମାତ୍ରା ଖୁବ ନଗଣ୍ୟ ଥିଲା । ତେଣୁ କେବେକେବେ ଦୁର୍ଘଟଣା ଘଟିଲେ ଏହା ଲୋକଙ୍କ ଭିତରେ ଖୁବ ଚର୍ଚ୍ଚା ହେବା ସହ ଅନେକ ବର୍ଷ ଧରି ଜନମାନସରେ ସତେଜ ହୋଇ ରହୁଥିଲା । ଏବେ କିନ୍ତୁ ପ୍ରତ୍ୟହ ଏତେ ପରିମାଣରେ ଦୁର୍ଘଟଣା ଘଟିବା ପରିସ୍ଥିତିକୁ ସ୍ୱଭାବିକ କରି ଦେଇଛି । ଗତ ମଙ୍ଗଳବାର ଆମ ରାଜ୍ୟରେ ଗୋଟିଏ ଦିନରେ ଦୁର୍ଘଟଣା ଘଟି ଅକାଳରେ ରାଜରାସ୍ତାରେ ବାର ଜଣଙ୍କ ଜୀବନ ଚାଲିଯିବା ସାଧାରଣ ଜୀବନକୁ ଭୟାଗ୍ରସ୍ତ କରିଛି । ବିବାହ ଭୋଜିରେ ଯୋଗଦେବାକୁ କାରରେ ଯାଉଥିବା ଗୋଟିଏ ପରିବାର ଗଛରେ ପିଟି ହୋଇ ଛଅ ଜଣ, ପଂଚାୟତ ନିର୍ବାଚନ ଫଳ ଶୁଣି ଆନନ୍ଦରେ ଫେରୁଥିବା ବେଳେ ଟ୍ରକ ସହ ପିଟି ହୋଇ କାରରେ ଥିବା ପାଂଚ ଜଣ ଏବଂ ନବବିବାହିତ ଦମ୍ପତି ମନ୍ଦିର ଦର୍ଶନ ପାଇଁ ମଟର ସାଇକେଲରେ ଯାଉଥିବା ବେଳେ ହାଇୱା ଧକ୍କାରେ ନବବଧୂର ମୃତ୍ୟୁ ଘଟିବା ନିଶ୍ଚିତ ଦୁର୍ଭାଗ୍ୟଜନ । ବିଭିନ୍ନ କାର୍ଯ୍ୟରେ ପ୍ରତିଦିନ ଘରୁ ବାହାରକୁ ଯାଉଥିବା ଲୋକ ଘରକୁ ନଫେରିବା ଯାଏଁ ପରିବାର ଲୋକ ଏବେ ଗୋଟିଏ ମୁହୂର୍ତ୍ତ ମଧ୍ୟ ଆଶ୍ୱସ୍ତ ଅନୁଭବ କରୁନାହାନ୍ତି ।

ରାସ୍ତା ଦୁର୍ଘଟଣା ଯଦିଓ ଆକସ୍ମିକ ସଂଘଟିତ ହେଉଥିବା କୁହାଯାଏ, କିନ୍ତୁ ବାସ୍ତବରେ ମଣିଷର ଅସାବଧାନତା ଯୋଗୁଁ ହିଁ ପ୍ରାୟ ଦୁର୍ଘଟଣା ଘଟିଥାଏ । ଅନେକ ଗାଡ଼ି ଚାଳକ ନିଜକୁ ନିଜେ ଅଧିକ ଦକ୍ଷ ଭାବି ଆବଶ୍ୟକତା ଠାରୁ ଅଧିକ ବେଗରେ ଗାଡ଼ି ଚଳାଇଥାନ୍ତି । କିନ୍ତୁ ସେମାନେ ଏହା ବି ମନେରଖିବା ଜରୁରି ଯେ, ରାସ୍ତାରେ ଯାଉଥିବା ଅନ୍ୟ ଗାଡ଼ି ଗୁଡ଼ିକର ଚାଳକ ମାନଙ୍କ ଦକ୍ଷତା ତାଙ୍କ ପରି ସେତେଟା ନୁହେଁ, ଯାହା ସେମାନଙ୍କ ପାଇଁ ମଧ୍ୟ ବିପଦ ଆଣିପାରେ । ଅନ୍ୟ ପକ୍ଷରେ ଏତେ ଦ୍ରୁତଗତି ପାଇଁ ଆମର ରାସ୍ତାଘାଟ ମଧ୍ୟ ସେତେ ଉପଯୁକ୍ତ ନୁହେଁ, ଏହାକୁ ଆମକୁ ବୁଝିବାକୁ ପଡ଼ିବ । ତଥ୍ୟ ଅନୁସାରେ ଭାରତରେ ବର୍ଷକୁ ଚାରି ଲକ୍ଷରୁ ଅଧିକ ରାସ୍ତା ଦୁର୍ଘଟଣା ହେଉଥିବା ବେଳେ ସେଥିରେ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥାଏ । ହାରାହାରି ୪୧୧ ଜଣ ଲୋକ ରାସ୍ତା ଦୁର୍ଘଟଣାରେ ଜୀବନ ହାରନ୍ତି । ଅନ୍ତଃରାଷ୍ଟ୍ରୀୟ ସଡ଼କ ସଂଘର ରିପୋର୍ଟ ଅନୁଯାୟୀ ବିଶ୍ୱରେ ବାର୍ଷିକ ହାରାହାରି ୧୨.୫ ପ୍ରତିଶତ ଲୋକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟ ଘଟିଥାଏ । ସଡ଼କ ଦୁର୍ଘଟଣାରେ ବିଶ୍ୱରେ ବାର୍ଷିକ ଯେତେ ଲୋକଙ୍କ ଜୀବନ ଯାଇଥାଏ ସେଥି ମଧ୍ୟରୁ ୧୨.୬ ପ୍ରତିଶତ କେବଳ ଭାରତରେ ମୃତ୍ୟୁବରଣ କରିଥାନ୍ତି । ଅପରପକ୍ଷେ ବିଶ୍ୱରେ ଯେତେ ସଂଖ୍ୟକ ଯାନବାହନ ଅଛି ତାହାର ମାତ୍ର ତିନି ପ୍ରତିଶତ ହିଁ ଭାରତରେ ରହିଛି । ଏଥିରୁ ସ୍ପଷ୍ଟ ହୁଏ ଯେ ଯାନବାହନ ତୁଳନାରେ ଆମ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଢେର ଅଧିକ । ୨୦୦୫ ମସିହାରେ ଭାରତରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୯୮,୨୫୪ ଥିଲା କ୍ଷ ୨୦୧୦ ରେ ଏହି ସଂଖ୍ୟା ୧ଲକ୍ଷ ୩୫ ହଜାରକୁ ବୃଦ୍ଧି ପାଇଥିଲା । ଏହାର ପରବର୍ଷ ଅର୍ଥାତ୍ ୨୦୧୧ରେ ମୃତ୍ୟୁ ସଂଖ୍ୟା ୧ ଲକ୍ଷ ୪୨ ହଜାରରେ ପହଂଚି ଯାଇଥିଲା । ୨୦୧୦ରେ ପ୍ରତି ଘଣ୍ଟାରେ ସଡ଼କ ଦୁର୍ଘଟଣାରେ ୧୫ ଜଣ ପ୍ରାଣ ହରାଉଥିବା ବେଳେ ୨୦୧୧ରେ ଏହା ୧୭ ଜଣ ହୋଇ ଯାଇଥିଲା କ୍ଷ ଉଲ୍ଲେଖଯୋଗ୍ୟ ବିଷୟ ଯେ, ୨୦୦୬ ମସିହାରେ ଚୀନ ସଡ଼କରେ ଦୁର୍ଘଟଣା ଘ




ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୫୧

ଯୁଦ୍ଧର ଦିନ ଯେତେ ଯେତେ ପାଖେଇ ଆସୁଥାଏ ଆମ ମନର ଉଦ୍‌ବିଗ୍ନତା ସେତେ ବେଶି ବଢୁଥାଏ । ମିତ୍ର ଦୁର୍ଯ୍ୟୋଧନ ମୋ ପାଖେପାଖେ ଥାଇ ମୋ ସହ ପରାମର୍ଶ କରୁଥାନ୍ତି । ମୁଁ ମଧ୍ୟ ତାଙ୍କୁ ଯଥାସମ୍ଭବ ସାନ୍ତ୍ୱନା ଦେଉଥାଏ । କିଏ ଜିତିବ, କିଏ ହାରିବ, ତାହା ତ ସମୟ କହିବ । ତେବେ ଯୁଦ୍ଧ ପାଇଁ ଆମ ମନୋବଳ ଦୃଢ଼ ହେବା ଦରକାର, ପରିସ୍ଥିତିକୁ ମୁକାବିଲା କରିବା ଦରକାର ।

ଯୁଦ୍ଧ ଆରମ୍ଭର ପୂର୍ବଦିନ ଗୁଡ଼ିକ ଥିଲା ବେଶ୍ ସ୍ମୃତିମୟ । ମୋ ଜୀବନର ଅନେକ ଘଟଣାବଳୀ ମଧ୍ୟରେ ଏମିତି ଏକ ଘଟଣା ମୋତେ ସମ୍ମୁଖୀନ ହେବାକୁ ପଡ଼ିଥିଲା ଯାହା ମୋ ଜୀବନରେ ଏକ ସ୍ମୃତି ଅଧ୍ୟାୟ ହୋଇ ରହିଗଲା । ସେଦିନର ଘଟଣାଟିର ଇତିବୃତ୍ତି ଭାବିଲେ ମୋ ଦେହରେ ଚମକ ଖେଳିଯାଏ । ଘଟଣାଟି ଥିଲା ଏହିପରି ।

ସମୟ ଥିଲା ବୋଧହୁଏ ଆସନ୍ନ ସୂର୍ଯ୍ୟାସ୍ତ । ଦୂର ଦିଗ୍‌ବଳୟରେ ବୁଡ଼ି ଯାଉଥାନ୍ତି ସୂର୍ଯ୍ୟଦେବ । ତାଙ୍କର ଶେଷ କନକ ରେଖା ଗଂଗାଜଳରେ ପ୍ରତିବିମ୍ବ ସୃଷ୍ଟି କରୁଥାଏ । ଗଂଗାସ୍ନାନ ସାରି ସବୁଦିନ ପରି ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ଅର୍ଘ୍ୟ ଅର୍ପଣ ସାରିଲି । ଧୀରେଧୀରେ ଜଳରୁ ଉଠି ରଥ ଆଡ଼କୁ ଆଗେଇ ଚାଲିଥିଲି । ପଥପାର୍ଶ୍ୱରେ କେହି ଜଣେ ଠିଆ ହୋଇଥାନ୍ତି । ଆଂଶିକ ଅନ୍ଧାର ମଧ୍ୟରେ ଲକ୍ଷ୍ୟକଲି । ଆଗନ୍ତୁକ ଜଣେ ନାରୀ । ତାଙ୍କ ପଣତକାନିର କିଛି ଅଂଶ ପବନରେ ଉଡୁଥିଲା । ବେଶପୋଷାକରୁ ମନେ ହେଉଥିଲା ନିଶ୍ଚିତ କେହି ସମ୍ଭ୍ରାନ୍ତ ବଂଶର ମହିଳା । ତେବ ଏଠାରେ ଏକାକିନୀ ଠିଆହୋଇ ରହିବାର ଉଦ୍ଦେଶ୍ୟ ?

ବିନମ୍ରତାର ସହ ପଚାରିଲି ।

ଆପଣଙ୍କର ପରିଚୟ ? ଏଠାରେ କାହିଁକି ଦେବୀ ? ଲକ୍ଷ୍ୟକଲି ସର୍ବାଙ୍ଗ ତାଙ୍କର ଥରି ଉଠୁଥିଲା । କହିଲେ ମୁଁ ଦେବୀ ନୁହେଁ, ମାଆ । ବଡ଼ ଦୁଃଖିନୀ ମାଆ ।

ହଁ ପୃଥିବୀର ସମସ୍ତ ନାରୀ ତ ମାଆ । ଆପଣ ବି ସେମିତି ଜଣେ ମାଆ ।

ନା ନା ନା ମୁଁ ସେଭଳି ମାଆ ନୁହେଁ, ମୁଁ ତୁମର ମାଆ । ଏତକ କହି ମୋ ଆଡ଼କୁ ଦୃଷ୍ଟି ବୁଲାଇଲେ । ଦେଖିଲି ନେତ୍ର ଯୁଗଳ ତାଙ୍କର ଲୁହ ଢଳଢଳ । ତାଙ୍କର ଚାହାଣୀରୁ ସେ ଯେ ଅସହାୟ ଏହା ସ୍ପଷ୍ଟ ବାରି ହୋଇ ପଡୁଥିଲା । ଖୁବ୍ ପାଖରୁ ତାଙ୍କ ଲକ୍ଷ୍ୟକରି ଚିହ୍ନିବାକୁ ଚେଷ୍ଟାକଲି । ଆରେ,ଏ ଯେ ସାନରାଣୀମାଆ । ପାଣ୍ଡବଜନନୀ କୁନ୍ତୀଦେବୀ । ତାଙ୍କ ନିକଟକୁ ଯାଇ ତାଙ୍କୁ ପ୍ରଣାମ କଲି । ସେ ମୋ ନିକଟକୁ ଆସିଲେ । ଅତ୍ୟନ୍ତ ଆବେଗରେ ମୋର ଦୁଇହାତକୁ ଜାବୁଡ଼ି ଧରି କହିଲେ, ମୋତେ ଆଉ ଲଜ୍ଜା ଦିଅନାହିଁ ପୁତ୍ର । ସାରାଜୀବନ ଜଳିଛି ବହୁତ ଆଘାତ ପାଇଛି ଏବେବି ଯନ୍ତ୍ରଣାରେ ସଢୁଛି । ମୋତେ ଆଉ ଅଧିକ କିଛି କୁହନା ପୁତ୍ର ।

ଏ ଅଧମ ସୂତପୁତ୍ର ଆଉ କ'ଣ ସମ୍ବୋଧନ କରିପାରିବ ହସ୍ତିନାପୁର ସାନରାଣୀମାଆଙ୍କୁ ।

ତୁମେ ସେପରି କୁହନା ପୁତ୍ର । ମୁଁ ତୁମର ଗର୍ଭଧାରିଣୀ ମାଆ । ତୁମେ ସୂତପୁତ୍ର ନୁହେଁ, ସୂର୍ଯ୍ୟପୁତ୍ର । ପାଣ୍ଡବମାନଙ୍କର ଜ୍ୟେଷ୍ଠଭ୍ରାତ୍ରା, ଏ ମାଆ ତୁମର ବଡ଼ ଅଭାଗିନୀ । ଏହାକହି ସେ ପିଲାଙ୍କ ପରି କଇଁକଇଁ କାନ୍ଦି ଉଠିଲେ । ତାଙ୍କର ଆଖିଲୁହ ମୋର ସବୁ ଅଭିମାନକୁ ଯେମିତି ତରଳାଇ ଦେଲା । ଆବେଗରେ ମାଆ ମାଆ ବୋଲି ଡାକିଦେଲି ସିନା, ମାତ୍ର କଣ୍ଠମୋର ବାଷ୍ପରୁଦ୍ଧ ହୋଇଗଲା ।

କିଏ ମୋର ମାଆ ? ଯିଏ ମୋତେ ନଦୀଜଳରେ ଭସାଇ ଦେଇଥିଲେ ? ମୋ ପରିଚୟକୁ ଲୁକ୍କାୟିତ କରି ରଖିଥିଲେ । ଯେଉଁ ପରିଚୟ ଟିକକ ପାଇଁ ମୋତେ ଅନେକ ସାମାଜିକ ନିର୍ଯାତନା ସହିବାକୁ ପଡ଼ିଛି, କେତେ ଲାଞ୍ଛନା, ଅପମାନ, ଘାତପ୍ରତିଘାତ ମଧ୍ୟଦେଇ ଗତି କରିବାକୁ ପଡ଼ିଛି । ସେ ଅନ୍ଧାର ଅତୀତକୁ କ'ଣ ମୁଁ ମୋ ମନରୁ ଏତେଶୀଘ୍ର ପୋଛିଦେଇ ପାରିବି । ସେଦିନ କେଉଁଠି ଥିଲେ ମୋର ମାଆ । ଯେଉଁଦିନ ଅସ୍ତ୍ରପରୀକ୍ଷା ହେଉଥିଲା, ସେଦିନ ତ ଉପସ୍ଥିତ ଥିଲେ ଏଇ ପାଣ୍ଡବମାତା । ସେଦିନ ସର୍ବସମ୍ମୁଖରେ ସେ ମୋ ଜନ୍ମରହସ୍ୟକୁ ଉନ୍ମୋଚିତ କଲେ ନାହିଁ କାହିଁକି ? ଆଉ ଏତେଦିନ ପରେ ପୁଣି ସେଇ ପୁରୁଣା ସ୍ମୃତିକୁ ରୋମନ୍ଥନ କରିବା ପଛରେ ଅନ୍ୟ କିଛି ସ୍ୱାର୍ଥ ନାହିଁ ତ ? ପୁଣି ମୋତେ ଏକାକୀ ନିରୋଳାରେ ଏସବୁ କହିବାର ଅର୍ଥ କ'ଣ ? ବାସୁଦେବ କୃଷ୍ଣଙ୍କ ମୁହଁରୁ ମୁଁ ତ ପୂର୍ବରୁ ଶୁଣିସାରିଛି ଏସବୁ ରହସ୍ୟ । ଆଉ ଏବେ ପୁଣି କୁନ୍ତୀଦେବୀ ।

ମୋ ମନରେ ସଂଘର୍ଷ । ମୁଁ କର୍ଣ୍ଣ । ଧର୍ମ ଓ କର୍ତ୍ତବ୍ୟକୁ ପରିତ୍ୟାଗ କରିବା ମୋ ଜାତକରେ ଲେଖାନାହିଁ । ଦୁର୍ଯ୍ୟୋଧନ ପକ୍ଷକୁ ସମର୍ଥନ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ । ଏପରି ସ୍ଥଳେ କାହାରି କଥା ମୁଁ ଶୁଣିବାକୁ ଚାହେଁନା ।

ମୁଁ ତୁମକୁ ଫେରାଇ ନେବାକୁ ଆସିଛି ପୁତ୍ର, ଫେରାଇ ନେବାକୁ । ତୁମେ ମୋ କୋଳକୁ ଫେରିଆସ । ପାଣ୍ଡବ ଶିବିରକୁ ଫେରିଆସ ପୁତ୍ର, ଫେରିଆସ ।

ଅସମ୍ଭବ..... ଅସମ୍ଭବ.... ଅସମ୍ଭବ.... । ସେ ସମୟ ମୋ ପାଇଁ ଅତିକ୍ରାନ୍ତ ହୋଇସାରିଛି । ଏବେ ମୁଁ କୌନ୍ତେୟ ନୁହେଁ, ରାଧେୟ ପରିଚୟରେ ବଞ୍ଚିବାକୁ ଚାହେଁ । ଅବଶିଷ୍ଟ ଜୀବନ ମଧ୍ୟ ଏଇ ପରିଚୟରେ ବଞ୍ଚି ରହିବି ।

ତେବେ, ମୁଁ କ'ଣ ଶୂନ୍ୟହାତରେ ଫେରିଯିବି ?

ମୁଁ ଆପଣଙ୍କୁ ଅବମାନନା କରିବାକୁ ଚାହେଁନା । ହେଲେ ମୋ ପାଇଁ ଆପଣଙ୍କ ଠାରୁ ରାଧାମାତା ଶ୍ରେଷ୍ଠ । ପାଣ୍ଡବ ପାଞ୍ଚଭାଇ ଠାରୁ ଦୁର୍ଯ୍ୟୋଧନ ବେଶି ଆପଣାର । ମୋ ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ଦୁର୍ଯ୍ୟୋଧନର ହୋଇରହିବି । କାରଣ ଦୁର୍ଯ୍ୟୋଧନର ଋଣ ଶୁଝିବାକୁ ହେଲେ, ମୋତେ କେବଳ ଗୋଟିଏ ଜନ୍ମ ନୁହେଁ, ଅନେକ ଜନ୍ମ ମଧ୍ୟ ନିଅଣ୍ଟ ହେବ । ମୋତେ ତେଣୁ କ୍ଷମା ଦିଅନ୍ତୁ । ତେବେ, ଏତିକି କଥା ଦେଉଛି, ଆପଣ ଯେଭଳି ପଞ୍ଚପାଣ୍ଡବର ଜନନୀ ଥିଲେ ସେମିତି ରହିଥିବେ । କାରଣ ଅର୍ଜୁନ ବ୍ୟତୀତ ଅନ୍ୟକୌଣସି ଭାଇଙ୍କର କିଛି ବି କ୍ଷତି କରିବି ନାହିଁ । ରଣକ୍ଷେତ୍ରରେ ଅର୍ଜୁନ ମରିବ ନହେଲେ ମୁଁ । ତେଣୁ ଆପଣ ନିଶ୍ଚିତ ରୁହନ୍ତୁ । ଆପଣ ପଞ୍ଚପାଣ୍ଡବର ଜନନୀ ହୋଇ ରହିବେ । ଷଷ୍ଠପାଣ୍ଡବର ନାମ ଚିରଦିନ ପାଇଁ ଲୋପ ପାଇଯିବ ଏ ଧରଣୀରୁ । କେହି ବି ଆପଣଙ୍କୁ ଆଙ୍ଗୁଳି ଉଠାଇ ପଦୁଟିଏ କହିବାକୁ ସାହସ କରିବେନି । ହଁ ଆଉ ଗୋଟିଏ କଥା, କର୍ତ୍ତବ୍ୟର ଅନୁରୋଧରେ ମୁଁ ଜାଣିଶୁଣି ଅଧର୍ମ ପକ୍ଷକୁ ସମର୍ଥନ କରିଛି । ଏତିକି ବି ଜାଣିଛି । କୃଷ୍ଣ ଯେଉଁଠି ବିଜୟ ସେଇଠି । ତେଣୁ ଆପଣଙ୍କ ପାଞ୍ଚପୁତ୍ର ମାନଙ୍କର ବିଜୟ ସୁନିଶ୍ଚିତ । ଚିରଦିନ ପାଇଁ ଭୁଲିଯାଆନ୍ତୁ ଆପଣଙ୍କର କେହି ଜଣେ ଷଷ୍ଠପାଣ୍ଡବ ଏ ଜନ୍ମରେ ଥିଲା ନା ଅଛି ।

ଆମ ଦୁହିଁଙ୍କ ଆଖିରୁ ଲୁହଧାର ଗଡ଼ି ପଡୁଥିଲା । କେହି କାହାରିକୁ କିଛି କହିପାରୁ ନଥିଲୁ । ସେଇ କ୍ଷଣିକ ମୁହୂର୍ତ୍ତ ପାଇଁ ତାଙ୍କ ହାତରେ ସେଇ ଅମୃତ ସ୍ପର୍ଶକୁ ଅନୁଭବ କରୁଥିଲି । ତାହାହିଁ ଥିଲା ମୋର ଗର୍ଭଧାରିଣୀ ମାଆର ଶେଷସ୍ପର୍ଶ ।

ମୁଁ କର୍ଣ୍ଣ, ଜନ୍ମିତ ମାଆର ସ୍ନେହରୁ ଚିର ବଞ୍ଚିତ । ଚିର ଉପେକ୍ଷିତ, ସାମାଜିକ ନିର୍ଯାତନା ସହିବାରେ ଅଭ୍ୟସ୍ତ । ତା ଆଖିରେ ପୁଣି ଲୁହଧାର, କଣ୍ଠରେ ଜଡ଼ତା । ମୁଁ ଭୁଲ୍ କରିଛି କି ଠିକ୍ କରିଛି ଜାଣେନା । କିନ୍ତୁ କର୍ତ୍ତବ୍ୟ ଆଗରେ ମୁଁ କାହାରି ଠାରେ ମୁଣ୍ଡ ନୁଆଇଁ ପାରିବିନି । ସୂର୍ଯ୍ୟସନ୍ତାନ ହୋଇ ମୁଁ ଯଦି ନିଜସ୍ୱ ତେଜରେ ତେଜୀୟାନ୍ ହୋଇ ନପାରିଲି, ତେବେ ମୋର ଜନ୍ମ ବୃଥା । ହୋଇପାରେ, ମୁଁ ମୋର ଜନ୍ମିତ ପିତାମାତାଙ୍କ ଦ୍ୱାରା ଅବହେଳିତ, ଉପେକ୍ଷିତ କିନ୍ତୁ ସେମାନଙ୍କ ରକ୍ତ ତ ମୋରି ଶିରା ପ୍ରଶିରା ମଧ୍ୟରେ ପ୍ରବାହିତ ହେଉଛି ।

ହାତଉଠାଇ ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲି । ଅସ୍ତଗାମୀ ସୂର୍ଯ୍ୟଦେବ ଯେଭଳି ମୋ ମଥା ଉପରେ ଆଶୀର୍ବାଦ ମୁଦ୍ରା ତୋଳି ନିରବରେ କହୁଥିଲେ, ଯଶସ୍ୱୀ ହୁଅ ପୁତ୍ର । ମୋରି ନାମକୁ ବଜାୟରଖି, ତୁମେ ଏ ସୃଷ୍ଟିରେ ଅଦ୍ୱିତୀୟ ହୁଅ ।

- ପଇଁଚଳିଶ -

ଯୁଦ୍ଧ !!! ଯୁଦ୍ଧ !!! ଯୁଦ୍ଧ !!!

ଏ ଯୁଦ୍ଧର ବିଭୀଷିକା ସମସ୍ତଙ୍କୁ ଆଚ୍ଛନ୍ନ କରିରଖିଛି, ଏ ଯୁଦ୍ଧ ସାଧାରଣ ଯୁଦ୍ଧ ନୁହେଁ । ଏ ଯେ ମହାସମର, ମହାଭାରତ, ନ୍ୟାୟଅନ୍ୟାୟ, ସତ୍ୟଅସତ୍ୟ, ଧର୍ମଅଧର୍ମ ମଧ୍ୟରେ ଏ ଯୁଦ୍ଧ । କିଏ ଜିତିବ ଅବା କିଏ ହାରିବ, ସେ ତ ଭିନ୍ନ କଥା । ତେବେ, ଏ ଯୁଦ୍ଧର ରୂପ ହେବ ଭୟଙ୍କର, ମାରାତ୍ମକ, ସମଗ୍ର ଆର୍ଯ୍ୟାବର୍ତ୍ତରେ ଏକ ବିସ୍ଫୋରଣ ।

କୌରବ ପକ୍ଷର ସେନାପତି ମୁକୁଟକୁ ଶେଷରେ ପିତାମହ ସ୍ୱୀକାର କରିନେଇଛନ୍ତି । ମାତ୍ର ପ୍ରତିଟି କଥାରେ ତାଙ୍କର ରହିଛି କିଛି ସର୍ତ୍ତ । ପ୍ରଥମ ସର୍ତ୍ତ ତ ମୋତେ ଉଦ୍ଦିଷ୍ଟ ଥିଲା ଏବେ ପୁଣି ଆଉ ଏକ ସର୍ତ୍ତ । ପାଣ୍ଡବସେନା ବଧ କରିବେ, ମାତ୍ର ପାଣ୍ଡବବଧ କରିବେନି, କାରଣ ଉଭୟ ତାଙ୍କର ସ୍ନେହାସ୍ପଦ ପୌତ୍ର । କୁରୁଶ୍ରେଷ୍ଠ ନ୍ୟାୟରେ ଦୁର୍ଯ୍ୟୋଧନ ତାଙ୍କର ସମସ୍ତ ସର୍ତ୍ତକୁ ମାନି ନେଇଛନ୍ତି । ମୁଁ ଠିକ୍ ବୁଝିପାରୁଥିଲି ପିତାମହଙ୍କ ଉକ୍ତି, କୌରବ ଅନ୍ନରେ ପ୍ରତିପାଳିତ ଶରୀର ତାଙ୍କର ସିନା ବନ୍ଧାପଡ଼ିଛି କୌରବ ଶିବିରରେ, ମାତ୍ର ଆତ୍ମା ତ ରହିଯାଇଛି ପାଣ୍ଡବମାନଙ୍କ ଠାରେ । ସେ କେମିତି ପଞ୍ଚପାଣ୍ଡବ ବିପକ୍ଷରେ ଅସ୍ତ୍ର ଉଠାଇ ପାରିବେ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ସଂପର୍କର ପବିତ୍ରତା

ଡଃ ମାଙ୍ଗଳିକା ମହାପାତ୍ର

ଜାଣିଛ ନା ପ୍ରିୟ ସଖା
ସଖୀ ତୁମର ବଡ ଗେହ୍ଲେଇ
କେବେ ଯଦି ସେ ଯାଏ ରୁଷି
ଦେବ ଗୋ ତାକୁ ମନେଇ...।

ତା ଜୀବନ ପରିଧିକୁ
ପଶି ଆସିଛ ଧସେଇ
ଚାହିଁ ରହିଛି ବାଟକୁ
ତୁମ ସେ ଆଖି ବିଛେଇ ।

ଦେବନି କେବେ ଗୋ
ମନୁ ତାକୁ ଭୁଲେଇ
ନ ହେଲେ ଦୁଃଖରେ
ତୁମଠୁ ଯିବ ଦୂରେଇ ।

ଜାଣେ ସେ ଭଲପାଇବା
ତୁମ ସବୁଠୁ ନିଆରା
ନାହିଁ ଏ ଦୁନିଆରେ ସେ
ଆନ୍ତରିକତାର ପତିଆରା

ସେଇ ଟିକକ ସ୍ନେହ ଆଦରରେ
କଟେଇ ଦେବ ଜୀବନ ସାରା
ବଦଳାଇ ଦେଇଛି ତୁମ ପାଇଁ
ସେ ନିଜ ଜୀବନର ଧାରା...।

ଆଣିଛ ତା ଲାଗି ତୁମେ
ଜହ୍ନର ଶୀତଳତା...
ଭରିଛ ତା ମନରେ
ଫୁଲର କୋମଳତା...।
ହୃଦୟରେ ଅଛି ତୁମ
ସଂପର୍କର ପବିତ୍ରତା
ଆସିବାକୁ ଦେବନି
ସେଥିରେ ମଳିନତା...।
ଦୁଇ ଆତ୍ମାର ମିଳନରେ
ଅଛି ସାଗରର ଗଭୀରତା
ନ ଆସୁ ଏ ଜନମେ କେବେ
ସେ ଭାବନରେ ଦୂରତା...।

+ରେଭେନସା ବିଶ୍ୱବିଦ୍ୟାଳୟ

## ଶେଷ ଠିକଣା

ସୁନନ୍ଦା ମହାନ୍ତି

ପାହାଡର ସେପାଖେ
ନଈ ଧାରେ ଟିକେ ବାଙ୍କେ
ନୁଆଁଣିଆ ଚାଳଘର ଭିତରେ
ମୋ ଶାଶୁଘର ଗାଁ
ଇତିହାସେ ନଥାଉ ପଛେ ତା ନାଆଁ
ମୋ ହୃଦୟେ ଲେଖା ତାର ନାଆଁ
ପଚାରନା କିଆଁ କିଆଁ ।

ଭୁଲିଥିଲି ଯୋଉଠି
ମୋ ଷଷ୍ଠୀ ଘର କୋଉଠି
ବାପା ମାଆ ଭାଇ ଭଗ୍ନୀ
ବଦଳେ ପାଇଲି ଯାହା ଏଠି
ଆଦବ କାଇଦା
ଅଜବ କଟକଣା
ଧୀରେ ଧୀରେ ଦେହସୁହା
ତମେ ଥିଲ ଯେଣୁ ପାଖେଟି
ତମଗାଁ ତମ ନାଁ ପରିଚୟ ମୋ ଗୋଟି ।

ଏତେ ଦିନ ପରେ ଆଜି
ସ୍ମୃତି ଫେରେ ପହଡ଼ ଭାଜି
ଚାଲ ଯିବା ହାତ ଧରି ସାଥି ସାଜି
ମୋ ଗାଁ ଉନ୍ନତି ହେଜି
ପୁରାଣ ଭଗବତେ ଭିଜି
ଉଦାସୀ ଆଖିରେ ମଜି
ପୁଣି ପାଇବା ଖୋଜି
ଶାନ୍ତି ଟିକେ ପ୍ରଶାନ୍ତି ରେ ହଜି
ରଖିବ ତମେ ବାପାମାଆ ନାଁ
ମୁଁ ପାଇଯିବି ମୋ ଦୁନିଆଁ ।

+ସାକ୍ଷୀଗୋପାଳ , ପୁରୀ
ମୋ: ୭୦୦୮୯୪୨୨୧୫

## ଋତୁରାଜ ବସନ୍ତ

ଲୀଳାବତୀ ପରିଡ଼ା

ଋତୁଚକ୍ରର ତ ଏ ଆବର୍ତ୍ତନ,
ଋତୁ ମଧ୍ୟେ ସାର ବସନ୍ତ ଜାଣ,
ଋତୁରାଜ ବୋଲି ରକ୍ତ ପଳାଶ,
ଋତୁ ସମ୍ଭାରରେ କରି ସୁବେଶ ଯେ,
ଋତୁରାଣୀଙ୍କୁ ସେ ବରେ ଯେ,
ଋତୁ ସାମ୍ରାଜ୍ୟର ଚୈତ୍ରପତାକାରେ
ନାମ ଲେଖି ମନହରେ ଯେ ।

''ବସନ୍ତ ଋତୁ"ରେ ମଳୟ ଆସେ,
ବନ ଉପବନ ଫୁଲରେ ବାସେ ,
ବସନ୍ତରେ ଆସେ, ବାସନ୍ତୀ ପୂଜା,
ବସନ୍ତ ପଞ୍ଚମୀ ବାଗ୍ଦେବୀ ସଜା ଯେ',
ବସନ୍ତ କରିବ କେଳି ଯେ,
ବଉଳ ସୁଗନ୍ଧେ ଆମ୍ର କୁଞ୍ଜ ବନେ,
ରାଧା କୃଷ୍ଣ ହୋଲି, ଖେଳି ଯେ ।

ମଳୟ ମରୁତ ଦକ୍ଷିଣ ଦିଗେ,
ମନ୍ଦ ମନ୍ଦ ବହି ଦେହରେ ଲାଗେ,
ମଧୁ ମକ୍ଷୀକାର ମଧୁ ଫାଶରେ,
ମନବନ୍ଦୀ କରେ କୃଷ୍ଣଚୂଡ଼ାରେ ସେ,
ମଧୁ ସ୍ପର୍ଶ କରୁ ଥାଏ ଯେ,
ମନ ଉପତ୍ୟକା ପ୍ରେମୀ ଯୁଗଳର
ମଧୁମୟ କରି ଥାଏ ଯେ ।

+କୁଟୁଣିଆଁ,ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬

# କାହାଣୀ ନବୁଝି ତାଳି ମାରିବା

## ସାମ୍ପ୍ରତିକ ରଙ୍ଗ

ଶ୍ୱେତା ରାଉତ୍

ଇଶ୍ୱର ସମସ୍ତଙ୍କ ଭିତରେ ଅଛନ୍ତି, ଏକଥା ଆଶ୍ରମରେ ଥିବା ନାଗ ସାପଟି ଗୁରୁଦେବଙ୍କଠୁ ବହୁବାର ଶୁଣିଛି ।ନାଗ ଟି ତା ଛୁଆକୁ ମଧ୍ୟ ଶିଖାଇଛି ସମସ୍ତଙ୍କୁ ସମ୍ମାନ କରିବା,କାରଣ ଇଶ୍ୱର ସମସ୍ତଙ୍କ ଭିତରେ ଅଛନ୍ତି । ଆଶ୍ରମ ପାଖଦେଇ ଦଳେ ପିଲା ଖେଳିବାକୁ ଗଲାବେଳେ ସାପ ଛୁଆଟିକୁ ସବୁବେଳେ ହଇରାଣ କରନ୍ତି, କିଏ ଲାଞ୍ଜ ଟାଣିଦିଏ ତ କିଏ ବାଡେଇ ଦିଏ, କିଏ ଖୁବ୍ ଦୁରକୁ ଫିଙ୍ଗିଦିଏ ତ କିଏ ପଥର ଉପରେ ସାପ ଛୁଆଟିକୁ କଚାଡି କଚାଡି ମାରେ । ସାପ ଛୁଆଟି କିନ୍ତୁ କିଛି କୁହେନାହିଁ, କାରଣ ତା ମା ପରା ଶିଖାଇଛି ଇଶ୍ୱର ସମସ୍ତଙ୍କ ଭିତରେ ଅଛନ୍ତି ! ତେଣୁ ତାକୁ ମାରୁଥିବା ମଣିଷ ଭିତରେ ବି ଇଶ୍ୱର ଥିବେ, ଇଶ୍ୱରଙ୍କୁ କେମିତି ଫଣା ଟେକି ଚୋଟ ମାରିବ ? ତେଣୁ ସେ ସବୁ ମାଡ ସହିଯାଏ ।

ବହୁଦିନ ଅସଭ୍ୟ ମଣିଷର ମାଡ ଖାଇ ଖାଇ ସାପଛୁଆଟି ସହି ନପାରି ତା ମାଆ ନାଗକୁ ପଚାରିଲା,

-ମା ଆମେ ତ କାହାର କ୍ଷତି କରୁନାହାନ୍ତି, ସମସ୍ତଙ୍କ ଭିତରେ ଇଶ୍ୱରଙ୍କ ଉପସ୍ଥିତ ଭାବି ସମ୍ମାନ କରୁଛନ୍ତି, ଅଥଚ ଆମ ଉପରେ ଏତେ ଅତ୍ୟାଚାର କାହିଁକି ? ତୁ ମୋତେ କାହିଁକି ସହିବାକୁ କହୁଛୁ ? ଦେଖ୍ ମା ମୋତେ ବାଡେଇ ବାଡେଇ ପିଲାମାନେ କଣ କରିଛନ୍ତି ।

ସାପଛୁଆଟିର ରକ୍ତାକ୍ତ ଦେହ ଦେଖି ମାଆ ନାଗ କ୍ରୋଧିତ ହୋଇ ଉଠିଲା ! 'ସତରେ ତ ମୋ ଛୁଆଟାକୁ ମୂର୍ଖ ମଣିଷମାନେ ଏଭଳି ଅବସ୍ଥା କରିବାକୁ ସାହସ କେମିତି କଲେ' ।

ପିଲାର କଷ୍ଟ ସହି ନପାରି ମାଆ ନାଗ ଧାଇଁଲା ସେମାନଙ୍କ ପାଖକୁ ଯିଏ ସାପଛୁଆଟିକୁ ରକ୍ତାକ୍ତ କରି ମାରିଛନ୍ତି । ଏକ ବିରାଟକାୟ ନାଗସାପର ଫଁ ଫଁ ଗର୍ଜନରେ ଗାଁ ସାରା ଲୋକ ଧାଇଁ ଆସିଲେ ।ସମସ୍ତଙ୍କ ହାତରେ ବଡ ବଡ ଢେଙ୍ଗା,ସମସ୍ତେ ମାରିବାକୁ ପ୍ରସ୍ତୁତ,ଲୋକମାନେ କୁହାକୁହି ହେଉଥାନ୍ତି ଶୀଘ୍ର ମାର ଏ ସାପକୁ, ନହେଲେ ଇଏ ସମସ୍ତଙ୍କୁ ମାରିଦେବ । ଚାହୁଁ ଚାହୁଁ ମାଆ ନାଗଟିକୁ ବାଡେଇ ବାଡେଇ ମାରିଦେଲେ ଗାଁ ଲୋକ ।

ଆଜିକାଲି ଆମ ସମ୍ପର୍କ ଭିତରେ ଠିକ୍ ଏଇ ଦଶା ଭୋଗୁଛନ୍ତି ଅନେକ ଲୋକ । ଯେ ପର୍ଯ୍ୟନ୍ତ ପରିବାରର ସବୁ ଅବହେଳା, ଅତ୍ୟାଚାରକୁ ଜଣେ ସଂସ୍କାର ଏବଂ ଇଶ୍ୱରଙ୍କ ଇଚ୍ଛା ଭାବି ସହି ଚାଲିଥିବ, ନିଜର ଅଧିକାର ଓ ସମ୍ମାନ ଚାହିଁନଥିବ, ସବୁ ଜୁଲମ୍ ଆଗରେ ମୁଣ୍ଡ ନୁଆଁଇ ସହୁଥିବ, ସେ ପର୍ଯ୍ୟନ୍ତ ସେ ବଞ୍ଚିପାରିବ । ଯେଉଁଦିନ ସହିବାର ସବୁ ସୀମା ଟପିଯିବ, ଅଧର୍ଯ୍ୟ ଓ ଅତିଶୟ ହୋଇ ମୁହଁ ଖୋଲିବ, ସେଦିନ ତାର ଅବସ୍ଥା ଠିକ୍ ଏଇ ମାଆ ନାଗର ଅବସ୍ଥା ଭଳି ହେବ ।

ସାପଛୁଆଟି ଯେତେବେଳେ ନିତିଦିନ ମଣିଷ ମାନଙ୍କ ମାଡ ଖାଇ ଯନ୍ତ୍ରଣା ସହୁଥିଲା, କେହି ଦେଖୁନଥିଲେ, ତା କଷ୍ଟ କାହାକୁ ଦିଶୁନଥିଲା । ଯେତେବେଳେ ମାଆଟିଏ ମଣିଷର ଅତ୍ୟାଚାରରେ ଅତିଶୟ ହୋଇ ତା ଛୁଆର ପ୍ରତିଶୋଧ ନେବାକୁ ଆସିଲା ସେତେବେଳେ ତାକୁ ହିଂସ୍ର ପ୍ରାଣୀ ବୋ

# ପ୍ରଭୁ ଲିଙ୍ଗରାଜଙ୍କ ଆଶୀର୍ବାଦ ନେଲେ ବିଜେପି ମେୟର ପ୍ରାର୍ଥୀନୀ ସୁନୀତି ମୁଣ୍ଡ

ଭୁବନେଶ୍ୱର ,୦୯/୦୩ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର ମେୟର ପ୍ରାର୍ଥୀନୀ ଡ.ସୁନୀତି ମୁଣ୍ଡ ଆଜି ଅପରାହ୍ନରେ ଏକାମ୍ର କ୍ଷେତ୍ରରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ତାଙ୍କ ସହ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ, ବଜେପି କର୍ପୋରେଟର ପ୍ରାର୍ଥୀ ସ୍ୱାଗତ ମହାପାତ୍ର,କୃଷ୍ଣଚନ୍ଦ୍ର ବଟ୍ଟ,ଶ୍ରଦ୍ଧାଞ୍ଜଳି କାନୁନଗୋ କ୍ୱତିରେଖା ନାୟକ,ବିଜେପି ନେତା ସୁରେନ୍ଦ୍ର ପ୍ରଧାନ,ମଦନ ମୋହନ ପ୍ରଧାନ, ଅରୁଣ ପୁରୋହିତ,ସୁନୀଲ ପ୍ରଧାନ,ମନୋଜ ପଶ୍ଚିମ କବାଟ,ମୃତ୍ୟୁଞ୍ଜୟ ପଣ୍ଡା,ସଞ୍ଜୟ ବାରିକ,ସବିତା ପଟ୍ଟନାୟକ, ଗୀତାଞ୍ଜଳି ବେହେରା, କ୍ୱତ୍ରୀମଇ ଅଗ୍ରୱାଲ,ଅନୀଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିରେ ସାମିଲ ହେଲେ ଖଇରା ବ୍ଲକ ଅଧ୍ୟକ୍ଷାଙ୍କ ସମେତ ବହୁ ବିଜେଡି ନେତା

ଭୁବନେଶ୍ୱର ,୦୯/୦୩ (ନି.ପ୍ର): ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ବର୍ତମାନ ଅଧକ୍ଷା ତଥା ବର୍ତମାନ ପଲାସା ଗ୍ରାମ ପଂଚାୟତ ସମିତି ସଭ୍ୟା ଅଭିଲିପ୍ସା ସାହୁ, ଝିଙ୍କିରିଆ ଗ୍ରାମ ପଂଚାୟତ ସମିତି ସଭ୍ୟା ରଶ୍ମିତା ଜେନା, ଖଇରା ବ୍ଲକର ପୂର୍ବତନ ଅଧକ୍ଷ ତଥା ପୂର୍ବତନ ସମିତି ସଭ୍ୟ ବିଷ୍ଣୁପଦ ସାହୁ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗ୍ରହଣରେ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ଓ ରାଜ୍ୟ ପ୍ରଭାରୀ ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ଏହି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ।

ଜନସାଧାରଣ ମାନେ ଗତ ପଂଚାୟତ ନିର୍ବାଚନରେ ଖଇରା ସିମୁଳିଆ ନିର୍ବାଚନ ମଣ୍ଡଳୀବାସୀ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀମାନଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିଥିବାରୁ ଖଇରା ସିମୁଳିଆ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର ଭାଇ ଓ ଭଉଣୀମାନଙ୍କୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

କେନ୍ଦ୍ରରେ ମୋଦି ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଏବଂ ଯୋଜନାର ସୁଫଳ କାରଣରୁ ସାଧାରଣ ଜନତାଙ୍କ ମନ ଭିତରେ ଏକ ବିଶ୍ୱାସ ଜାଗୃତ ହୋଇଛି। ସମସ୍ତ ନୂତନ ସଦସ୍ୟଙ୍କୁ ଶ୍ରୀମତୀ ପୁରନ୍ଦେଶ୍ୱରୀରାଜ୍ୟରେ କମଳ ଫୁଟାଇବାରେ ଏହି ଜନସାଧାରଣ ମାନେ ସହାୟକ ହେବେ ବୋଲି ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ କହିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଗଜେନ୍ଦ୍ର ଦାସ ଓ ରାଜେଶ ମହାକୁଡ, ନିଳମାଧବ ପଣ୍ଡା, ମଣ୍ଡଳ ସଭାପତି ପତିତପାବନ କର, ଆନନ୍ଦ ନାୟକ, ସନ୍ତୋଷ ଶତପଥୀ, ସୁଶାନ୍ତ ମହାକୁଡ, ବୁଲୁ ଲେଙ୍କା, କୈଳାଶ ମାଝୀ, ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦକିଶୋର ମେମୋରିଆଲ ଫୁଟବଲ ଜର୍ସି ଉନ୍ମୋଚନ

ଭୁବନେଶ୍ୱର ,୦୯/୦୩ (ନି.ପ୍ର): ସିଟି ବ୍ଲକ ଏବଂ କିଟ୍‌ର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୩ ତାରିଖ ଠାରୁ ନନ୍ଦକିଶୋର ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଂଟ କିଟ୍ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଂଟରେ ଯୋଗ ଦେଇଥିବା ଖେଳାଳୀମାନଙ୍କୁ ଜର୍ସ ଉନ୍ମୋଚନ ହୋଇଥିଲା ଏବଂ ବିଶ୍ୱ ମହିଳା ଦିବସ ଅବସରରେ ଆନ୍ତର୍ଜାତିକ ମହିଳା ଫୁଟବଲ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅତିଥି ଭାବେ ଶ୍ରୀମତୀ ବୈଜୟନ୍ତୀ ସାହୁ, ରୁଚି ମସଲା ଏମ୍‌ଡ଼ି ଡଃ ଶରତ ସାହୁ, ଆନ୍ତର୍ଜାତିକ ଗଲଫର ଲଖି ସ୍ୱାଇଁ, ଡଃ ସୌର୍ଯ୍ୟରଞ୍ଜନ ପରିଜା, କଣ୍ଠଶିଳ୍ପୀ ସୌରଭ ନାୟକ, ଅଶୋକ ମହାନ୍ତି, ସତ୍ୟବ୍ରତ ରଥ, ସଙ୍ଗୀତା ଶର୍ମା, ଭାଗ୍ୟଧର ଜଗଦେବ, ସାମ୍ବାଦିକ ସତ୍ୟ ମିଶ୍ର, ମହମ୍ମଦ ସହିଦ ଜବାର, ସହଦେବ ରାଉତ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲ୍ଲିକ, ପ୍ରଥମା ପ୍ରିୟଦର୍ଶିନୀ, ଜବାମଣି ଟୁଡୁ, ଗୀତାଞ୍ଜଳି ଖୁଣ୍ଟିଆ, ଆଲୋଚନା ସେନାପତି, ମମତା ମହାନ୍ତି, ମମତାଜ ବେଗମ, ସିଟିକ୍ଲବର ସମ୍ପାଦକ ପ୍ରଦୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଫୁଟବଲ ଖେଳାଳୀ ପ୍ୟାରୀ ଖାଖା ମନୀଷା ପାନା, ଗଲଫର ଲଖି ସ୍ୱାଇଁ, ବିଶିଷ୍ଟ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ବରିଷ୍ଠ ଫୁଟବଲ କୋଚ ଗଙ୍ଗାଧର ବେହେରା ଏବଂ ସୁନିତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଟୁର୍ଣ୍ଣାମେଣ୍ଟଟି ଚଳିତମାସ ୧୩ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖରେ ସମାପ୍ତ ହେବ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୦୯/୦୩ (ନି.ପ୍ର): କଳିଙ୍ଗ ବୁଦ୍ଧବିହାର ସଭାକକ୍ଷରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସାମାଜିକ ନ୍ୟାୟ ଆନ୍ଦୋଳନର ଅନ୍ୟତମ ଅଗ୍ରଗଣ୍ୟ ଜନନେତା ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ହେମାନନ୍ଦ ବାବୁଙ୍କ ଜୀବନୀ, ରାଜନୀତି ଓ ସାମାଜିକ ଆନ୍ଦୋଳନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଗତ ଫେବୃୟାରୀ ୨୫ ତାରିଖ ସନ୍ଧ୍ୟାରେ ସମ୍ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଥିଲା। ସେ ଓଡ଼ିଶାର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ଓ ପଶ୍ଚିମାଂଚଳର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାବେ ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଝାରସୁଗୁଡ଼ା ଜିଲ୍ଲାର ଠାକୁରପଡ଼ା ଗ୍ରାମରେ ସେ ଏକ ଅଣରାଜନୈତିକ ସାଧାରଣ ଆଦିବାସୀ ପରିବାରରେ ୧ ଡ଼ିସେମ୍ବର, ୧୯୩୯ରେ ଜନ୍ମଗ୍ରହଣ କରିଥିଲେ। ମାତା ତ୍ରିମଣି ବିଶ୍ୱାଳ ଓ ପିତା ବାସୁଦେବ ବିଶ୍ୱାଳଙ୍କ ସେ ତୃତୀୟ ସନ୍ତାନ ଥିଲେ। ବିଦ୍ୟାଳୟ ଶିକ୍ଷାଗ୍ରହଣ ସମୟରୁ ତାଙ୍କର ବହୁମୁଖି ପ୍ରତିଭାର ସଙ୍କେତ ମିଳିଥିଲା। ସେ କ୍ରୀଡ଼ା, କଳା, ସାହିତ୍ୟ ଓ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇପାରିଥିଲେ। କ୍ରୀଡ଼ା ଶିକ୍ଷକରୁ ଜୀବନ ଆରମ୍ଭ କଲାପରେ ରାଜନୀତିରେ ଯୋଗଦେଇ ୧୯୬୭ ମସିହାରେ କର୍ମିରା ପଂଚାୟତ ସମିତିର ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୪ ମସିହାରେ ଲାଇକେରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ୫ଥର ବିଧାୟକ ଓ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ଓ କଂଗ୍ରେସର ରାଜ୍ୟ ସଭାପତି ମଧ୍ୟ ଥିଲେ। ଗରିବ ଓ ନିରାଶ୍ରୟ, ଆଦିବାସୀ ଦଳିତମାନଙ୍କର ସେ ଅଦ୍ୱିତୀୟ ନେତା ଥିଲେ। ଭୁବନେଶ୍ୱର ଆମ୍ବେଦକର କଲେଜ ଓ ଏ.ଜି. ଛକ ଠାରେ ଥିବା ବାବାସାହେବ ଆମ୍ବେଦକରଙ୍କର ପ୍ରତିମୂର୍ତି ସ୍ଥାପନ କରିବା ଓ ଆମ୍ବେଦକର ଛକ ନାମକରଣ କରିବାରେ ତାଙ୍କର ଅବଦାନ ଥିଲା ଅତୁଳନୀୟ। ଆମ୍ବେଦକର ଜୟନ୍ତୀ ପାଳନରେ ସେ ଅଗ୍ରଣୀ ଭୂମିକା ନେଉଥିଲେ। ଏପରି ଜନନେତାଙ୍କର ବିୟୋଗରେ ସମଗ୍ର ଓଡ଼ିଶା ଆଜି ମ୍ରିୟମାଣ। ତାଙ୍କର ବିୟୋଗରେ ଓଡ଼ିଶାରେ ଏକ ଅପୂରଣୀୟ କ୍ଷତି ଘଟିଲା।

ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଘଡ଼େଇ ସ୍ୱର୍ଗତ ବିଶ୍ୱାଳଙ୍କ ଜୀବନୀ ଓ ରାଜନୈତିକ ପ୍ରତିଷ୍ଠାତା ଓ ଦୃଢତା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଶ୍ରୀ ପଂଚାନନ କାନୁନଗୋ ହେମାନନ୍ଦ ବାବୁଙ୍କ ବ୍ୟକ୍ତିତ୍ୱ, ମହନୀୟତା ଓ ସାମାଜିକ ନ୍ୟାୟ ନିମିତ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଭଜମନ ବେହେରା ସ୍ୱର୍ଗତ ବିଶ୍ୱାଳ ଡକ୍ଟର ଆମ୍ବେଦକରଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଦଳିତ, ଆଦିବାସୀ ଓ ଗରିବ ଅସହାୟମାନଙ୍କ କାର୍ଯ୍ୟ କରିବା ସହିତ ଡଃ ଆମ୍ବେଦକରଙ୍କ ସ୍ମୃତିରକ୍ଷା ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ଅଲେଖ ଚନ୍ଦ୍ର ମଲ୍ଲିକ, ସମାଜସେବୀ ତଥା ଯୁବନେତା ଅମିୟ ପାଣ୍ଡବ, ଅବଦୁଲ କଲାମ ଆଜାଦ, ସମାଜସେବୀ ମାନସ ଜେନା, ନାରୀନେତ୍ରୀ ପ୍ରତିମା ମଲ୍ଲିକ, ସମାଜବାଦୀ ନେତା ରାଧାକାନ୍ତ ସେଠି ଓ ସମାଜବାଦୀ ଦଳର ସୁଦର୍ଶନ ପ୍ରଧାନ, ରାଜନେତା ବିକ୍ରମ ସ୍ୱାଇଁ, ମାନଗୋବିନ୍ଦ ସେଠୀ, ସୁନାକର ବେହେରା ପ୍ରମୁଖ ବକ୍ତାମାନେ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ତରଫରୁ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରାଯିବା ସହିତ ତାଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଯୁବନେତା ବିଦ୍ୟାଧର ଦେହୁରୀ ଏହି ସଭାରେ ସଭାପତିତ୍ୱ କରିଥିଲେ ଏବଂ ଶ୍ରୀ ଲକ୍ଷ୍ମଣ ମଲ୍ଲିକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୨୮ କରୋନା ପଜିଟିଭ ଚିହ୍ନଟ: ୨୫ ଜଣ ୧୮ ବର୍ଷରୁ କମ୍ ବର୍ଗର



ଭୁବନେଶ୍ୱର,୦୯/୦୩(ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୫୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୨୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଗଜପତି ଜିଲ୍ଲାରୁ ସର୍ବାଧିକ ୧୮ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଗତକାଲି ୧୦୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪ ଜଣ, ବାଲେଶ୍ୱର ଜିଲ୍ଲାରୁ ୭ଜଣ, ଭଦ୍ରକ ଜିଲ୍ଲାରୁ ୧ ଜଣ, ବରଗଡ଼ ଜିଲ୍ଲାରୁ ୨ ଜଣ, ବଲାଙ୍ଗୀରରୁ ୯ ଜଣ, କଟକରୁ ୨ ଜଣ, ଦେବଗଡ଼ରୁ ୧ ଜଣ, ଢେଙ୍କାନାଳରୁ ଜିଲ୍ଲାରୁ ୧ ଜଣ, ଗଜପତିରୁ ୧୮ ଜଣ, ଗଞ୍ଜାମ ଜିଲ୍ଲାରୁ ୩ ଜଣ, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡି ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୧ ଜଣ, ଖୋର୍ଦ୍ଧାରୁ ୧୬ ଜଣ, କୋରାପୁଟରୁ ୨ ଜଣ, ମୟୂରଭଞ୍ଜରୁ ୧୧ ଜଣ, ସମ୍ବଲପୁରରୁ ୯ ଜଣ, ସୁନ୍ଦରଗଡ଼ରୁ ୧୨ ଜଣ ଓ ଷ୍ଟେଟ ପୁଲରୁ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୬, ୨୪୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୫, ୯୮୦ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୧୧୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# କୋଭିଡ ଟିକାକରଣ ଯେପରି ବ୍ୟାଘାତ ନ ହେବ ଦୃଷ୍ଟି ଦିଅ : ମିସନ୍ ଇନ୍ଦ୍ରଧନୁଷ ୪.୦ର ଶୁଭାରମ୍ଭ

ଭୁବନେଶ୍ୱର: ରାଜ୍ୟରେ ମିସନ୍ ଇନ୍ଦ୍ରଧନୁଷ ୪.୦ ଆରମ୍ଭ ହୋଇଛି। ୨ବର୍ଷରୁ କମ୍ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଟିକା ଦିଆଯାଉଛି। ତେବେ ମିସନ୍ ଇନ୍ଦ୍ରଧନୁଷ ପାଇଁ କୋଭିଡ ଟିକାକରଣ ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡରେ ରାଜ୍ୟ ଷ୍ଟିଅରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୨ବର୍ଷ ଭିତରେ ଘରେ ଜନ୍ମଲାଭ କରିଥିବା ଶିଶୁ, ଗ୍ରାମ ବାହାରେ ଜୀବିକା ପାଇଁ ନିୟୋଜିତ ପରିବାର, ଯାଯାବର ଆଦିମ ଅଧିବାସୀ, ସହରାଞ୍ଚଳ ବସ୍ତି, ଦୁର୍ଗମ ଅଞ୍ଚଳ, ଶିଶୁ ଆଶ୍ରୟ ଗୃହ, ବନ୍ଦୀଶାଳା ଆଦି ସ୍ଥାନରେ ଥିବା ଶିଶୁ ଓ ଗର୍ଭବତୀ ମହିଳାଙ୍କ ଟିକାକରଣ ଉପରେ ବିଶେଷ ଦୃଷ୍ଟି ଦେବା ଲାଗି ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା କହିଲେ, ଏନ୍‌ଏଫ୍‌ଏଚ୍‌ଏସ୍-୫ର ରିପୋର୍ଟ ଅନୁସାରେ ରାଜ୍ୟରେ ପୂର୍ଣ୍ଣ ଟିକାକରଣ ହାର ୯୦.୫ ପ୍ରତିଶତ ରହିଛି। ଜାତୀୟ ସ୍ତରରେ ଏହା ୭୬.୪ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହା ୧୪ ପଏଣ୍ଟ ଅଧିକ। ଅନ୍ୟ ରାଜ୍ୟଙ୍କ ତୁଳନାରେ ପୂର୍ଣ୍ଣ ଟିକାକରଣରେ ଓଡ଼ିଶା ଜାତୀୟ ସ୍ତରରେ ସର୍ବାଗ୍ରେ ରହିଛି। ପୂର୍ଣ୍ଣ ଟିକାକରଣରେ ମୁଖ୍ୟତଃ ୧୨ ପ୍ରକାରର ରୋଗର ନିବାରଣ ପାଇଁ ପ୍ରତିଷେଧକ ଟିକା ଦିଆଯାଏ। ପୋଲିଓ, ଜଣ୍ଡିସ୍, ଯକ୍ଷ୍ମା, ଡିପ୍‌ଥେରିଆ, ଲହରା କାଶ, ଧନୁଷ୍ଟଙ୍କାର, ମସ୍ତିଷ୍କ ଜ୍ୱର, ନିମୋନିଆ, ମିଳିମିଳା, ରୁବେଲା, ହଇଜା, ଜାପାନୀ ଜ୍ୱର ଆଦି ରୋଗର ନିବାରଣ ପାଇଁ ଏକାଧିକ ସଂଖ୍ୟକ ଡୋଜ୍ ଦେଇ ପୂର୍ଣ୍ଣ ଟିକାକରଣ କରାଯାଇଥାଏ। ଏନ୍‌ଏଫ୍‌ଏଚ୍‌ଏସ୍‌ର ତଥ୍ୟ ଅନୁଯାୟୀ ରାଜ୍ୟର ୨୦ଟି ଜିଲ୍ଲାରେ ପୂର୍ଣ୍ଣ ଟିକାକରଣ ହାର ୯୦ ପ୍ରତିଶତରୁ ଅଧିକ ଥିବା ବେଳେ ୧୦ଟି ଜିଲ୍ଲାରେ ଏହାର କମ୍ ରହିଛି। ରାଜ୍ୟର ୧୨ଟି ଜିଲ୍ଲାର ୧୬୮ଟି ବ୍ଲକ୍‌ରେ ମିସନ୍ ଇନ୍ଦ୍ରଧନୁଷ ୪.୦ କାର୍ଯ୍ୟକାରୀ ହେବ। ଏହି ଟିକାକରଣ ୩ଟି ପର୍ଯ୍ୟାୟରେ କରାଯିବ। ଗତକାଲି ପ୍ରଥମ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଥିବା ବେଳେ ଏପ୍ରିଲ ୪ରୁ ଦ୍ୱିତୀୟ ପର୍ଯ୍ୟାୟ ଓ ମେ'୨ରୁ ତୃତୀୟ ପର୍ଯ୍ୟାୟ ଆରମ୍ଭ ହେବ। ପ୍ରତି ପର୍ଯ୍ୟାୟର ଅବଧି ୭ଦିନ ରହିଛି। କଟକ, ଗଞ୍ଜାମ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ଖୋର୍ଧା, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ଟିକାକରଣ ହେବ। ବୈଠକରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ ରଂଜନା ଚୋପ୍ରା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାଥନନ, ଜାତୀୟ ସ୍ୱାସ୍ଥ୍ୟ ମିସନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସମେତ ୟୁନିସେଫ୍, ୟୁଏନ୍‌ଡିପି ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜନସେବା କାର୍ଯ୍ୟକ୍ରମ

ଭୁବନେଶ୍ୱର,୦୯/୦୩(ନି.ପ୍ର): ବିଶ୍ୱ ମହିଳା ଦିବସ ଅବସରରେ ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି। ଏହା ସକାଳ ୯ଟାରେ ଭୁବନେଶ୍ୱରସ୍ଥିତ ବମିଖାଲ ଲେବୁଲ କ୍ରସିଂ ବସ୍ତି ଠାରେ ଆୟୋଜିତ ହୋଇଥିଲା। ବସ୍ତିରେ ଥିବା ସମସ୍ତ ଲୋକମାନଙ୍କୁ କୋଭିଡ ଉପରେ ସଚେତନ କରାଇବା ସହିତ ଲୋକମାନଙ୍କୁ ମାସ୍କ ଏବଂ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା। ବର୍ତମାନ ପରିସ୍ଥିତିରେ କୋଭିଡ ମହାମାରୀ ସମ୍ପୂର୍ଣ୍ଣ ଭାବେ ପୃଥିବୀରୁ ଯାଇନଥିବାରୁ ଆମେ ଆଗକୁ ଆହୁରି ସଚେତନ ହେବାଲାଗି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ସମସ୍ତ ବସ୍ତିବାସିନ୍ଦାଙ୍କୁ ଟ୍ରଷ୍ଟର କର୍ମଚାରୀ ତଥା ମୁଖ୍ୟଅତିଥି ସଚେତନତାର ବାର୍ତା ଦେଇଥିଲେ। ସର୍ବଦା ମୁହଁରେ ମାସ୍କ ପିନ୍ଧିବା ଦ୍ୱାରା ବାୟୁମଣ୍ଡଳର ଦୂଷିତ ଧୂଳିକଣା ଆମ ଶରୀର ଭିତରକୁ ସିଧାସଳଖ ପ୍ରବେଶ କରିପାରିନଥାଏ ଏବଂ କରୋନା ମହାମାରୀ ସହ ଅନ

## ଅପେକ୍ଷାର ଅନ୍ତ ଘଟାଇ ପୁରୁଣା କୋର୍ଟ ମାର୍କେଟ କମ୍ପ୍ଲେକ୍ସ ହେଲା ଉଚ୍ଛେଦ

ଜଳେଶ୍ୱର, ୦୯/୩ (ନି.ପ୍ର) : ଆଜି ଜଳେଶ୍ୱର ପୁରୁଣା କୋର୍ଟ ମାର୍କେଟ କମ୍ପ୍ଲେକ୍ସକୁ ଉଚ୍ଛେଦ କରାଯାଇଛି । ଜଳେଶ୍ୱର ନୂଆବଜାର ନିକଟରେ ୪୫ନଂ ରେଳ ଓଭରବ୍ରିଜ୍ ନିର୍ମାଣକାର୍ଯ୍ୟ ଚାଲୁଥିବାରୁ ଜଳେଶ୍ୱର କୋର୍ଟକୁ ୬୦ନଂ ଜାତୀୟ ରାଜପଥ ନିକଟକୁ ସ୍ଥାନାନ୍ତର କରାଯାଇଛି । ସେଠାରେ କୋର୍ଟ କାର୍ଯ୍ୟ ଚାଲୁଥିଲେ ମଧ୍ୟ ପୁରୁଣା କୋର୍ଟକୁ ଲାଗି ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ ହୋଇ ନ ଥିଲା । ତେଣୁ ଓଭରବ୍ରିଜ୍ କଡେ କଡେ ରାସ୍ତା ନିର୍ମାଣ ହେଉନଥିବାରୁ ରେଳ ଓଭର ବ୍ରିଡ୍ କାର୍ଯ୍ୟରେ ବିଳମ୍ବ ଘଟୁଥିଲା । ଏଥିନେଇ ଠିକାଦାର ପୂର୍ତ୍ତବିଭାଗକୁ ଏବଂ ପୂର୍ତ୍ତବିଭାଗ ସ୍ଥାନୀୟ ଓ ଜିଲା ପ୍ରଶାସନକୁ ବାରମ୍ବାର ଲେଖିଥିଲେ ମଧ୍ୟ ତାହା ହୋଇ ପାରିନଥିଲା । ଶେଷରେ ସମସ୍ତ ଅପେକ୍ଷାର ଅନ୍ତ ଘଟାଇ ଆଜି ମାର୍କେଟ କମ୍ପ୍ଲେକ୍ସ ଜବର ଦଖଲକୁ ହଟାଇ ଦିଆଯାଇଥିବା ସଂପର୍କରେ ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଖଇରା,୦୯/୦୩ (ନି.ପ୍ର): ଖଇରା ବ୍ଲକ ଗଣ୍ଡିବେଡ ଲଙ୍କେଶ୍ୱର ମନ୍ଦିର ପରିସରରେ ପ୍ରିୟଦର୍ଶନୀ ମହିଳା ସମିତିର ତରଫରୁ ଅନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ନାରୀ ନେତ୍ରୀ ଶିବାନୀ ମହାନ୍ତି ସଭା ପତିତ୍ୱ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ନାୟକ ଯୋଗଦେଇ ଆଜିର ସାମଜରେ ନାରୀ ବିନା ସୃଷ୍ଟି ଅସମ୍ଭବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ ମଞ୍ଜୁବାଳା ମହାନ୍ତି, ସରପଞ୍ଚ ବନୀତା ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ ।ସ୍ୱାଗତ ସଂଗୀତ ମଞ୍ଜୁଲତା ପଣ୍ଡା ଗାନ କରିଥିବା ବେଳେ ଅତିଥୀ ପରିଚୟ ପ୍ରଦାନ କରିଥିଲେ ସୀତା ମାରାଣ୍ଡି । ମଞ୍ଚଆହ୍ୱାନ କରିଥିଲେ ତୁଳସୀ ପରିଡା । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରାମଚନ୍ଦ୍ର ଦାଶ, ପଦ୍ମଲୋଚନ ଜେନା, ସଭ୍ୟା ସ୍ମିତା ମହାନ୍ତି, ରମ୍ଭାମଣୀ ବାରିକ, ସୁକେଶିନୀ ମହାନ୍ତି, ସୁଲୋଚନା ଦେବୀ, ସାବିତ୍ରୀ ଦେବୀଙ୍କ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ଥଲେ ।

## ରାଜ୍ୟରେ କରୋନାରେ ଆଉ ୧ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୧୦୨ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ପୁରୀ ଜିଲ୍ଲାରେ ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ରାଇରଙ୍ଗପୁର ସମ୍ବାଦ ସାହିତ୍ୟଘରର ମାସିକ ଆସର

ରାଇରଙ୍ଗପୁର, ୦୯/୦୩ (ନି.ପ୍ର): ରାଇରଙ୍ଗପୁର ସମ୍ବାଦ ସାହିତ୍ୟଘରର ଉପସଭାପତି ତିମିର ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କବିତା ଆସର ଓ ସାରସ୍ୱତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପରିକ୍ରମାର ଆବାହକ ମନୋଜ ଦାସ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ନେପାଳ ଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ସୌରଭ ପଟ୍ଟନାୟକ, ରାଇରଙ୍ଗପୁର ସମ୍ବାଦ ସାହିତ୍ୟଘରର ସଂଯୋଜକ ତଥା ରାଇରଙ୍ଗପୁର ସମ୍ବାଦ ଜିଲ୍ଲା ପ୍ରତିନିଧି ତୁଷାର କାନ୍ତ ମହାନ୍ତ ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଓ ଦିଗନ୍ତ ବିଷୟରେ ଆଲୋଚନା କରିଥିଲେ । ସମ୍ବାଦ ସାହିତ୍ୟଘରର ସମ୍ପାଦକ ଡଃ ଦିଗମ୍ବର ଗିରି ବିବରଣୀ ପାଠ ସହିତ ବସନ୍ତ ପ୍ରତିଟି ପ୍ରାଣରେ ଆନନ୍ଦମୟ ମହକ ବୁଣୁ ବୋଲି ଆଶା ବ୍ୟକ୍ତ କରିଥିଲେ । ସାରସ୍ୱତ ସାଧକ ରଞ୍ଜନ କୁମାର ନନ୍ଦ ସ୍ୱାଗତଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । 'ବସନ୍ତ ଲେଖିଛି ଚିଠି ଫୁଲରେ ଫୁଲରେ' ଶୀର୍ଷକରେ ଆୟୋଜିତ କବିତା ପାଠୋତ୍ସବରେ ରଞ୍ଜନ କୁମାର ନନ୍ଦ ଓ ଡଃ ଦିଗମ୍ବର ଗିରିଙ୍କ ମନଛୁଆଁ ସଂଯୋଜନା ମାଧ୍ୟମରେ କବି ତିମିର ରଞ୍ଜନ ପଣ୍ଡା, ସୁଶାନ୍ତ କୁମାର ପରୀକ୍ଷା, ଜଗନ୍ନାଥ ବଳ, ଲାଲମୋହନ ମାଝୀ, ଗୋପାଳକୃଷ୍ଣ ମହାନ୍ତି, ମାନସ ରଞ୍ଜନ ପରିଡା, ଜି.ଏସ୍ .ରଜତ ଦଳେଇ, ରଞ୍ଜନ କୁମାର ନନ୍ଦ, ଦିଗମ୍ବର ଗିରି, ବିଜୟ କୁମାର ରାମ, ତୁଷାର କାନ୍ତ ମହାନ୍ତ, କବୟତ୍ରୀ ମମତା ପାତ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଆସରେ ପଠିତ ସମସ୍ତ କବିତା ଗୁଡିକର ସମୀକ୍ଷା କରାଯାଇ କବି ରଞ୍ଜନ କୁମାର ନନ୍ଦଙ୍କ କବିତା'ଅଦିନ ଫଗୁଣ'କୁଶ୍ରେଷ୍ଠ କବିତା ରୂପେ ବିଚାର କରାଯାଇ ତାଙ୍କୁ ସମ୍ବର୍ଦ୍ଧିତକରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଜୟ କୁମାର ରାମ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବାଲେଶ୍ୱରର ଚର୍ଚ୍ଚିତ ନୃତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ 'ନାଚ'ର ମହିଳା ଦିବସ ପାଳିତ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ବାଲେଶ୍ୱରର ଚର୍ଚ୍ଚିତ ନୃତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ ନାଚ (ନ୍ୟାସନାଲ ଏକାଡେମୀ ଅଫ୍ ଆର୍ଟ, କଲଚର ଏଣ୍ଡ ହେରିଟେଜ୍)ର ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଏକ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର କୁନି ସଦସ୍ୟା ଅର୍ଚ୍ଚିଷା ପାଣିଗ୍ରାହୀ ଅତିଥି ଆବାହନ ଓ ପରିଚୟ ପ୍ରଦାନ କରିଥିଲେ । ନାଚର ସଭାନେତ୍ରୀ ରୋନାଲିସା ପଣ୍ଡାଙ୍କ ପୌରହିତ୍ୟରେ ମାସିକ ପତ୍ରିକା 'ରେବତୀ'ର ସମ୍ପାଦିକା ତଥା ବଶିଷ୍ଠ ସମାଜସେବୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ଶ୍ରୀଦ୍ୱେ ମୁଖ୍ୟ ବକ୍ତା ଓ ପ୍ରମୁଖ ଅତିଥି ଭାବେ କବି ପ୍ରଶାନ୍ତଦାସ ଏବଂ ଯଶସ୍ୱୀ ତରୁଣ କଥାକାର ଗୌତମବୁଦ୍ଧ ଦାସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମଗ୍ର ବିଶ୍ୱର ନାରୀ ସ୍ୱାଧୀନତା ଏବଂ ନାରୀମାନଙ୍କ ସଫଳତା ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନାଚ ର ଅଭିଭାବକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ସମ୍ବର୍ଦ୍ଧିତ ପ୍ରତିଭା ସମାଜସେବୀ ନୃତ୍ୟାଶ୍ରୟୀ ଶ୍ରୀମତୀ ଅନୁସୟା ନାୟକ, ନାଟ୍ୟକାର ଶିକ୍ଷୟିତ୍ରୀ ମୀନାକୁମାରୀ ସାମଲ, ସାମ୍ବାଦିକା ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ଏବଂ ସମାଜସେବୀ ଜ୍ୟୋତିର୍ମୟୀ ଶତପଥୀଙ୍କୁ ସେମାନଙ୍କର ନିସ୍ୱାର୍ଥପର ସାମାଜିକ ସେବା ନିମିତ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ହିନ୍ଦୁଜା ଫାଇନାନ୍ସର ଏରିଆ ମ୍ୟାନେଜର ଅରୁଣାଂଷୁ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାରିପଦା, ୦୯/୦୩ (ନି.ପ୍ର): ଚନ୍ଦ୍ରାବତୀ ମହାନ୍ତ ସ୍ମୃତି ସଂସଦ ଏବଂ ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସର ରେ ଏକାଡେମୀ ର ସଭାପତି ଡ଼ଃ ସରୋଜ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଏମକେସି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି, ଶିକ୍ଷାବିତ ହରେକୃଷ୍ଣ ମହାନ୍ତ ମୁଖ୍ୟ ବକ୍ତା ଓ ଯୁବ କବି ଅମିତାଭ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ଓ ଚନ୍ଦ୍ରାବତୀ ମହାନ୍ତ ସ୍ମୃତି ସଂସଦ ର କାର୍ଯ୍ୟକ୍ରମ ର ସଫଳ ରୂପାୟନ ପାଇଁ ସମସ୍ତ ସଦସ୍ୟ ଙ୍କୁ ସାଧୁବାଦ ଜଣାଇବା ସହ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ଓ ମହିଳା ଶିକ୍ଷା କର୍ମଚାରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଅମୂଲ୍ୟ କୁମ୍ଭକାର ଧନ୍ୟବାଦ ଅର୍ପଣ କରିଥିଲେ । ମନୋଜ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପେନ୍ଦ୍ର ନାଥ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଆଜି ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଥିବାରୁ ଏହି ଅବସର ରେ ପ୍ରତିଷ୍ଠା ଦିବସ ମଧ ପାଳିତ ହୋଇ ଯାଇଛି ।

## ଦୁଇ ନାବାଳିକା ଉଦ୍ଧାର : ଅଭିଯୁକ୍ତ ଗିରଫ

ସମ୍ବଲପୁର, ୦୯/୦୩ (ନି.ପ୍ର): ଜନୈକ ବିବାହିତ ଯୁବକ ନିଜ ଗ୍ରାମରୁ ଦୁଇଜଣ ନାବାଳିକାଙ୍କୁ ଅପହରଣ କରିନେବା ପରେ ଏହି ଘଟଣାକୁ ନେଇ ସମଗ୍ର ଝାରବେଡା ସାହେବୀ ସାହିରେ ଏକ ପ୍ରକାର ଆତଙ୍କିତ ପରିବେଶ ସୃଷ୍ଟି ହୋଇଥିଲା । ଘଟଣା ସମ୍ପର୍କରେ ଅପହୃତା ଦୁଇ ନାବାଳିକାଙ୍କ ବାପା ଘଟଣା ସମ୍ପର୍କରେ ନାକଟିଦେଉଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶେଷରେ ଅପହରଣର ୨୪ ଘଣ୍ଟା ମଧ୍ୟରେ ପୋଲିସ ଦୁଇ ଅପହୃତା ନାବାଳିକାଙ୍କ ସହ ଅପହରଣକାରୀକୁ ଦେବଗଡ଼ ଜିଲ୍ଲା ବୋଡିଙ୍ଗ ଅଞ୍ଚଳରୁ ଧରିବାରେ ସକ୍ଷମ ହୋଇଥିବା ଜଣାଯାଇଛି । ସୂଚନାନୁଯାୟୀ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅନ୍ତର୍ଗତ ଝାରବେଡା ସାହେବୀ ସାହିରୁ ୧୭ ବର୍ଷରୁ କମ୍ ଦୁଇ ନାବାଳିକା ଭଉଣୀଙ୍କୁ ସେହି ଗ୍ରାମର ବିବାହିତ କାମୁକ ଅଭିଯୁକ୍ତ ସ୍ୱର୍ଗତ ଅଲେଖ ନାଏକଙ୍କ ପୁଅ ଝରୁ ଓରଫ ସୁଶାନ୍ତ କୁମାର ନାଏକ ( ୨୮ ) ଗତ ୦୮ ତାରିଖ ରାତି ସାଢ଼େ ୧୧ଟା ବେଳେ ଅପହରଣ କରିନେଇଥିଲା । ନିଜର ଦୁଇ ନାବାଳିକା ଝିଅଙ୍କୁ ସୁଶାନ୍ତ ଅପହରଣ କରିନେଇଥିବା ନେଇ ଅପହୃତା ଝିଅଙ୍କ ବାପା ନାକଟିଦେଉଳ ଥାନାରେ ଅଭିଯୋଗ କରିବା ପରେ ଏଭଳି ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁରୁତ୍ୱ ଦେଇ ତ୍ୱରିତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ଉଭୟ ନାବାଳିକା ଓ ଅଭିଯୁକ୍ତଙ୍କୁ ସମ୍ବଲପୁର ଆଣିବା ପରେ ଏ ସମ୍ପର୍କରେ ୫୧/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ପଶ୍ଚିମବଂଗ ଉପାନ୍ତ ଚକ୍‌ଇସ୍ମାଇଲପୁର ମହୋତ୍ସବ

## ବିକାଶର ଅନ୍ୟନାମ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ବାଧୁତ୍ୱ

ଜଳେଶ୍ୱର, ୦୯/୦୩ (ନି.ପ୍ର): ତିନିବର୍ଷର ଲକ୍‌ଡାଉନ୍ ବ୍ୟବଧାନ ପରେ ଏବେ ପଶ୍ଚିମବଂଗ ଓ ଓଡିଶା ଉପାନ୍ତ ଅଂଚଳରେ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ନେଇ ସାମାଜିକ ଓ ସାଂସ୍କୃତକ ସ୍ତରରେ ଆରମ୍ଭ ହୋଇଛି ଉତ୍ସବ ଓ ମହୋତ୍ସବ । ଦୀର୍ଘ ମାସର ନିରବତା ପରେ ଲୁକାୟିତ ପ୍ରତିଭାର ପରିପ୍ରକାଶ ଲାଗି ମଂଚ ପ୍ରସ୍ତୁତ ହେଉଛି । ଏହି ପରିପ୍ରେକ୍ଷୀରେ ପଶ୍ଚିମ ମେଦିନୀପୁର ଦାନ୍ତୁନ ଥାନା ଓ ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ମିଳନସ୍ଥଳ ଚକଇସ୍ମାଇଲପୁରଠାରେ ଆରମ୍ଭ ହୋଇଛି ଗ୍ରାମୀନ ମହୋତ୍ସବ । ଗତ ମଂଗଳବାର ସଂଧ୍ୟାଥିଲା ମହୋତ୍ସବର ୩ୟ ଦିବସ । ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅଂଚଳପ୍ରଧାନ (ସରପଂଚ) ସୁଶାନ୍ତ ସେଣ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥିଭାବେ ଦାନ୍ତୁନ ବ୍ଲକ ଚେୟାରମ୍ୟାନ ଅନନ୍ତ ମାରାଣ୍ଡି, ମୁଖ୍ୟବକ୍ତଭାବେ ପଂଚାୟତ ସଭାପତି ମାନସ ଘୋଷ, ସମ୍ମାନୀତ ଅତିଥିଭାବେ କନକ ପାତ୍ର, ଝରଣା ଦାସ, ନବକୁମାର ମହାପାତ୍ର, କମଳ ଚକ୍ରବର୍ତ୍ତୀ, ଲକ୍ଷ୍ମୀପ୍ରିୟା ଦାସ, ଚନ୍ଦ୍ରମୋହନ ରାଉଳ, ଶ୍ରୀକାନ୍ତ ମିର୍ଦ୍ଧା, ସିଦ୍ଧେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇ ଓଡିଶା, ପଶ୍ଚିମବଂଗ ଦୁଇଟି ରାଜ୍ୟ ହୋଇଥିଲେ ମଧ୍ୟ ଉପାନ୍ତ ଅଂଚଳରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଚଳଣୀ, ସାମାଜିକ ବଂଧୁତା ମଧ୍ୟରେ କୌଣସି ପ୍ରଭେଦ ନ ଥାଏ ବୋଲି କହିଛନ୍ତି । ଓଡିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଭୁବନେଶ୍ୱରସ୍ଥିତ ଖଣ୍ଡଗିରିର ନୃତ୍ୟାଙ୍ଗନା ଟ୍ରୁପ ଓ ସୁବାଷ ସ୍ୱାଇଁଙ୍କ ସାଂସ୍କୃତକ କାର୍ଯ୍ୟକ୍ରମରେ ଦର୍ଶକମାନେ ଝୁମିଥିଲେ ସ୍ଥାନୀୟ ନୃତ୍ୟଶିଳ୍ପୀ ଦେବବ୍ରତ କାହାଳୀ, ଇତିଶ୍ରୀ କାହାଳି, ଶୁଶ୍ରୀ କାବେରୀ ନୃତ୍ୟ ଓ ଗୀତ ପ୍ରଦର୍ଶନ କରିଥିବା ବେଳେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ମନତ୍ ଖାଁଙ୍କ ଶିବତାଣ୍ଡବ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ଅବସରରେ ସୁଶାନ୍ତ ସେଣ, ନବକୁମାର ମହାପାତ୍ର, ଶ୍ରୀକାନ୍ତ ମିର୍ଦ୍ଧା, ସାମ୍ବାଦିକ ଦୁର୍ଗାଶଂକର ଗିରି, ରବିନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇ ନୃତ୍ୟ ଶିଳ୍ପୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଚନ୍ଦ୍ରମୋହନ ରାଉଳ, ମନୋରଂଜନ ଦାସ ସଂଚାଳନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୨୧ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

# ସବାଇ ଘାସ ଓ ଡୋକ୍ରା ଶିଳ୍ପର ବିକାଶ ଉପରେ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ

ବାରିପଦା, ୦୯/୦୩ (ନି.ପ୍ର): ବିଶ୍ୱମହିଳା ଦିବସର ଅନନ୍ୟ ଦିବସରେ ଏସ୍‌ସିଏସ୍‌ଟିଆର୍‌ଟିଆଇ, ଅନୁସୁଚିତ ଜନଜାତୀ ଓ ଅନୁସୁଚିତଜାତି ଉନ୍ନୟନ ବିକାଶ ବିଭାଗ, ଓଡିଶା ସରକାର ତରଫରୁ ଅମ୍ବାଡିସ୍ ସହାୟତାରେ କାରିଗର ଭଉଣୀ ଭାଇମାନଙ୍କ ପାଇଁ ସବାଇ ଘାସ ଓ ଡୋକ୍ରା ଶିଳ୍ପର ବିକାଶ ଓ ବିବିଧ କରଣ ଉପରେ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ୮ ରୁ-୧୭ ମାର୍ଚ୍ଚ ପର୍ଯ୍ୟନ୍ତ ଯଥା କ୍ରମେ ଗୋହାଳଡିହି ଓ ରାଣିବନ୍ଧ ଠାରେ ଆୟୋଜନ କରାଯାଇଅଛି । ଏହି ତାଲିମ କାର୍ଯ୍ୟକ୍ରମରେ ୫୦ ଜଣ ଲେଖାଏଁ କାରିଗର ଦୁଇଟି ଦଳରେ ଅଂଶଗ୍ରହଣକରୁଛନ୍ତି । ସବାଇ ଘାସର ଶିଳ୍ପର ବିକାଶ ବିବିଧକରଣ ଉପରେ ଶ୍ରୀଯୁକ୍ତ ଦେବା ସିସରୟ ଓ ଡୋକ୍ରା ଶିଳ୍ପର ବିକାଶ ବିବିଧ କରଣ ଉପରେ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ କୁମାର ମୁଖ୍ୟ ପ୍ରଶିକ୍ଷକ ଭାବରେ ପ୍ରଶିକ୍ଷଣ ଦେଉଛନ୍ତି । ଏହି ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଶ୍ୱେତାମିଶ୍ର, ପ୍ରକଳ୍ପଟିମଲିଡର୍ ଏସ୍‌ସି ଏସ୍‌ଟି ଆର୍‌ଟି ଆଇ କାର୍ଯ୍ୟାଳୟରୁ ଯୋଗ ଦେଇ ଏହି ପ୍ରକଳ୍ପର ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଆହୁରି ମଧ ଏହି ତାଲିମ କାର୍ଯ୍ୟକ୍ରମ ମାଧମ ରେକାରିଗର ଭାଇ ଓ ଭଉଣୀ ମାନେ କିପରି ଲାଭବାନ ହୋଇପାରିବେ ସେବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ କାରିଗର ଓ ମୁଖ୍ୟ ପ୍ରଶିକ୍ଷକ ମାନଙ୍କ ମଧ୍ୟରେ ତାଲିମ ର ବିଷୟବସ୍ତୁ ଓ କାରିଗରମାନଙ୍କର ତାଲିମରୁ ଥିବା ଆଶା ଓ ଆକାଂକ୍ଷାବିଷୟରେ ମୁକ୍ତ ଆଲୋଚନା ହୋଇଥିଲା । ଉଦଘାଟନୀ ଉତ୍ସବରେ ଏସ୍‌ସିଏସ୍‌ଟିଆର୍‌ଟି କାର୍ଯ୍ୟାଳୟ ରୁଶ୍ରୀଚିନ୍ତାମଣି ମହାପାତ୍ର, ଶ୍ରୀଶିବ ପ୍ରସାଦ ପାତ୍ର ଏବଂ ଶ୍ରୀବୁଦ୍ଧରାମ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ କୁସଂଚାଳନ କରିଥିଲେ । ପ୍ରକାଶ ଥାଉକି ଏସ୍‌ସିଏସ୍‌ଟିଆର୍‌ଟିଆଇ ଅନୁସୁଚିତ ଜନଜାତି ଓ ଅନୁସୁଚିତଜାତି ଓ ବିକାଶବିଭାଗ, ଓଡିଶା ସରକାର ଦ୍ୱାରା ଅମ୍ବାଡିସ୍ ସହାୟତାରେ କାରିଗର ମାନଙ୍କର କଳା ଓ ଶିଳ୍ପ ର ବିକାଶ ଓ ବିବିଧକରଣ ଉପରେ ଏକ ପ୍ରକଳ୍ପ ୪ ଟିଜିଲ୍ଲା ଯଥା ମୟୁରଭଞ୍ଜ, କେଉଁଝର, ସୁନ୍ଦରଗଡ ଓ ଯାଜପୁରରେ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପ ଅନ୍ତର୍ଗତରେ ଉପରୋକ୍ତ ତାଲିମ କାର୍ଯ୍ୟକ୍ରମ ଗୁଟିକ ଅନୁଷ୍ଠିତ ହେଉଅଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମହାନଦୀ ପଠାରୁ ବିହାରୀ ଯୁବକଙ୍କ ....

ତଦନ୍ତ ଆରମ୍ଭ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ବିଡାନାସୀ ପୋଲିସ।୨ ଅଭିଯୁକ୍ତ ହେଲେ ମୁନିଲାଲ୍ ଶର୍ମା ଏବଂ କୈଳାସ ଚୌଧୁରୀ । ଗିରଫ ଅଭିଯୁକ୍ତଙ୍କୁ ଧରି ସିନ୍ ରିକ୍ରିଏସନ କରିଛି ପୋଲିସ । ଅନ୍ୟ ଜଣେ ଅନ୍ୟ ଜଣେ ଅଭିଯୁକ୍ତ ପଙ୍କଜ ଶର୍ମା ଏବେବି ଫେରାର୍ ଅଛି । ତାକୁ ଧରିବା ପାଇଁ କମିଶନ୍‌ରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଫେରାର୍ ଅଭିଯୁକ୍ତ ପଙ୍କଜଙ୍କ ପତ୍ନୀଙ୍କ ସହ ମୃତକ ଆଜାଦଙ୍କର ପ୍ରେମ ସମ୍ପର୍କ ରହିଥିଲା । 

ବାଲେଶ୍ୱର, ଗୁରୁବାର, ୧୦ ମାର୍ଚ୍ଚ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ୧୭ ୱାର୍ଡର ୨୪ ବୁଥ୍‌ରେ ମତଦାନ କରିବେ ୨୦୦୫୯ ମତଦାତା

ଜଳେଶ୍ୱର ୮/୩ (ନି.ପ୍ର) : ଆସନ୍ତା ପୌରପାଳିକା ନିର୍ବାଚନରେ ଜଳେଶ୍ୱରର ୧୭ଟିୱାର୍ଡର ୨୦୦୫୯ ଭୋଟଦାତା ସେମାନଙ୍କ ମତ ସାବ୍ୟସ୍ତ କରିବେ ବୋଲି ବ୍ୟାପକ ପ୍ରସ୍ତୁତି ନିଆଯାଇଛି । ଏହାର ୧୭ଟି ୱାର୍ଡ ମଧ୍ୟରୁ ୧ନଂ, ୩ନଂ, ୭ନଂ, ୮ନଂ, ୧୦ନଂ, ୧୨ନଂ ଓ ୧୫ନଂ ୱାର୍ଡରେ ୨ଟି ଲେଖାଏ ବୁଥ୍ ହୋଇଛି । ଆଶ୍ଚର୍ଯ୍ୟର କଥା ଭୋଟ ଦାତାଙ୍କ ମଧ୍ୟରୁ ୯୯୯୫ ପୁରୁଷ ଭୋଟର ଥିବା ବେଳେ ୧୦୦୬୨ ମହିଳା ଭୋଟର ରହିଛନ୍ତି । ବୁଥ୍ ନଂ ୬, ୮, ୯, ୧୦, ୧୩, ୧୬, ୧୭, ୧୮, ୧୯, ୨୦ ଓ ୨୨ରେ ପୁରୁଷ ଭୋଟରଙ୍କ ଠାରୁ ମହିଳା ଭୋଟର ଅଧିକ ବୋଲି ଜଣାଯାଇଛି । ୧ନଂ ୱାର୍ଡର ୨ଟି ବୁଥ୍ ଅଣ ସଂରକ୍ଷିତ ହୋଇଥିବା ବେଳେ ଝାଡେଶ୍ୱରପୁର ଉପ୍ରା ବିଦ୍ୟାଳୟ, ୨ନଂ ୱାର୍ଡ ଅଣସଂରକ୍ଷିତ ଥିବା ବେଳେ ଅବକାରୀ କାର୍ଯ୍ୟାଳୟ, ୩ନଂ ୱାର୍ଡର ୨ଟି ବୁଥ୍ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଖବାର୍ଡ ଉପ୍ରାବିଦ୍ୟାଳୟରେ ଭୋଟ ଦେବା ସ୍ଥିର ହୋଇଛି । ୪ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ପଥରପୁରା ଉପ୍ରା ବିଦ୍ୟାଳୟ ୫ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ଗୋଷ୍ଠି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ୬ନଂ ୱାର୍ଡ ଅଣ ସଂରକ୍ଷଣ ଥାଇ ଜଳେଶ୍ୱର ମଇ ବିଦ୍ୟାଳୟ, ୭ନଂ ୱାର୍ଡର ୨ଟି ବୁଥ୍ ଅଣ ସଂରକ୍ଷଣ ଥାଇ ବିଦ୍ୟାଧରପୁର ଉପ୍ରା ବିଦ୍ୟାଳୟ, ୮ନଂ ୱାର୍ଡ ଅଣସଂରକ୍ଷଣ ଥାଇ ପଂଚୁଘଣ୍ଟା ୟୁଜିଏମ୍‌ଇରେ ଭୋଟ ଦେବାର ବ୍ୟବସ୍ଥା ହୋଇଛି । ୯ନଂ ୱାର୍ଡ ଅଣ ସଂରକ୍ଷଣ ଥାଇ ମଂଗଳାତଳା ଉପା ବିଦ୍ୟାଳୟ ୧୦ନଂ ୱାର୍ଡ ଅନୁସୂଚିତ ମହିଳାଙ୍କ ଲାଗି ସଂରକ୍ଷଣ ଥାଇ ଶାନ୍ତିଆ ଉପ୍ରା ବିଦ୍ୟାଳୟ, ୧୧ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥାଇ ଜଳେଶ୍ୱର ମଇ ବିଦ୍ୟାଳୟ, ୧୨ନଂ ୱାର୍ଡ ୨ଟି ବୁଥ୍ ଅଣ ସଂରକ୍ଷଣ ଥାଇ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ, ୧୩ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥାଇ ନନ୍ଦିକା ଉପ୍ରା ବିଦ୍ୟାଳୟ, ୧୪ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥାଇ ଚୁଡାମଣିପୁର ଉପ୍ରା ବିଦ୍ୟାଳୟରେ ଭୋଟ ଦେବାର ବ୍ୟବସ୍ଥା ହୋଇଛି । ୧୫ନଂ ୱାର୍ଡ ୨ଟି ବୁଥ୍ ଥାଇ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ସଂରକ୍ଷଣ ଥାଇ ନହଞ୍ଚରାସ୍ଥିତ ଗୟାସୁର ନୋଡାଲ ବିଦ୍ୟାଳୟରେ, ୧୬ନଂ ୱାର୍ଡ ଅନୁସୂଚୀତ ଜନଜାତିଙ୍କ ଲାଗି ସଂରକ୍ଷଣ ଥାଇ ଅଲାଲପୁର ମହିବିଦ୍ୟାଳୟ ଓ ୧୭ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥାଇ ଚକବିଷ୍ଣୁ ଉପ୍ରା ବିଦ୍ୟାଳୟରେ ମତଦାନ ହେବାର ବ୍ୟବସ୍ଥା ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

# ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କ ଜୟନ୍ତୀ

ବାଲେଶ୍ୱର,୦୯/୦୩ (ନି.ପ୍ର): ଓଡ଼ିଶାର ପ୍ରଖ୍ୟାତ ଲୋକସାହିତ୍ୟ ଗବେଷକ, ଫକୀରମୋହନ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ସଭାପତି ଲୋକରତ୍ନ ଡ. କୁଞ୍ଜବିହାରୀ ଦାଶଙ୍କ ପବିତ୍ର ଜୟନ୍ତୀ ଉତ୍ସବ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନ ପରିସରରେ ପାଳିତ ହୋଇଯାଇଛି । ପରିଷଦର ଉପ-ସଭାପତି କବି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବରେ ସମାଲୋଚକ ପ୍ରାଧ୍ୟାପକ ରବିନାରାୟଣ ଦାଶ, ମୁଖ୍ୟଅତିଥି ଭାବରେ ବିଶିଷ୍ଟ ପ୍ରାବନ୍ଧିକ ପ୍ରାଧ୍ୟାପକ ଡ. ଶିରୀଶଚନ୍ଦ୍ର ଜେନା ଏବଂ ସମ୍ମାନିତ ବକ୍ତା ଭାବେ ଗବେଷକ ପ୍ରଫେସର ଡ. ରାଧାଗୋବିନ୍ଦ କୁଇଲା ଯୋଗ ଦେଇଥିଲେ । ଅତିଥି ଓ ବକ୍ତାମାନେ ଏହି ଅବସରରେ ଡ. କୁଞ୍ଜବିହାରୀ ଦାଶଙ୍କ ବହୁମୁଖୀ ପ୍ରତିଭା, ବ୍ୟକ୍ତିଗତ ଜୀବନଗାଥା, ଫକୀରମୋହନ ସାହିତ୍ୟ ପରିଷଦ ଗଠନରେ ତାଙ୍କର ଆନ୍ତରିକ ଉଦ୍ୟମ, ଲୋକସାହିତ୍ୟ ଗବେଷଣା କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତ ପ୍ରୟାସ, ଭ୍ରମଣକାହାଣୀ ରଚନାରେ ପାରଦର୍ଶିତା ଆଦି ପ୍ରସଙ୍ଗ ପୁଂଖାନୁପୁଂଖ ଓ ତାତ୍ତ୍ୱିକ ଆଲୋଚନା କରିଥିଲେ । ଏହି ଉତ୍ସବରେ ପ୍ରାକ୍‌ଭାଷ ରଖିଥିଲେ ପରିଷଦର ଅନ୍ୟତମ ଉପ-ସଭାପତି କଥାକାର ପ୍ରଦୀପ ଝଟାର୍ଜୀ । ସହ-ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚାହ୍ୱାନ କରିଥିଲା ବେଳେ ଯୁଗ୍ମ-ସମ୍ପାଦିକା କବୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ 'ନାୟିକା', ନାଟ୍ୟଚେତନା, ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଫକୀରମୋହନଙ୍କ ରେବତୀ ଗଳ୍ପ ଆଧାରରେ ରଚିତ ନାଟକ "ରେବତୀ, ସେବତୀ, ଏବତୀ" ନାଟକ ଅଭିନେତ୍ରୀ ସୁଜାତା ପ୍ରିୟମ୍ବଦାଙ୍କ ଦ୍ୱାରା ପରିବେଷିତ ହୋଇଥିଲା ।

# ମନ୍ଦିର ତାରବାଡ ଘେରାକଲେ ଗ୍ରାମବାସୀ

ଖଇରା,୯/୩(ନିପ୍ର) ଖଇରା ବ୍ଲକ ମାଣତ୍ରୀ ପଂଚାୟତ ଜଳଙ୍ଗ ଗଣ୍ଡିବେଡ ଠାରେ ଥିବା ପୁରାତନ ଚଣ୍ଡି ମନ୍ଦିର ତାର ବାଡ ଘେରା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଦୀର୍ଘଦିନଧରି ଏହି ମନ୍ଦିର ଅବହେଳିତ ଅବସ୍ଥାରେ ପଡିଥିଲେ । ଚତୁର ପାର୍ଶ୍ୱ ଖୋଲା ଥିବାରୁ ତାର ରକ୍ଷାଣ ବେକ୍ଷଣ ପାଇଁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅର୍ଥପ୍ରଦାନ କରିଥିଲେ ଓ ଜଳଙ୍ଗ ଗଣ୍ଡିବେଡ ହାଇସ୍କୁଲର ଶିକ୍ଷକ ପିତାମ୍ବର ବେହେରା ୫୦ହଜାର ଟଙ୍କା ଆର୍ଥକ ସହାୟତା କରିଥିଲେ । ଏହି ଅର୍ଥକୁ ନେଇ ଗ୍ରାମ ବାସୀଙ୍କ ସମୁହ ଶ୍ରମ ଦାନରେ ତାର ବାଡ ସହିତ ପକ୍କା ହତା କାର୍ଯ୍ୟ ଆରମ୍ଭ

କରିଛନ୍ତି । ଅବହେଳିତ ହୋଇ ପଡିଥିବା ମନ୍ଦିର ବେଢା ସୁରକ୍ଷିତ ଅଛି । ନୂତନ ଭାବେ ବଳଭଦ୍ର ଜୀଉ ମନ୍ଦିର ପାଖ ଜଳାଶୟ ପୋଖରୀ ପୁତାଯାଇ ସମତୁଲ କରାଯିବାକୁ ସିଦ୍ଧାନ୍ତ ନିଆଯାଇଛି । ଏଥିରେ ଟ୍ରଷ୍ଟ ବୋର୍ଡର ସଭ୍ୟ ପ୍ରଫୁଲକୁମାର ଦାସ,ଭଗବାନ ଦାସ,ଶତ୍ରୁଘ୍ନ ଦାସ,ସୁଶାନ୍ତ ମହାପାତ୍ର ,ସେବାୟତ ରମାକାନ୍ତ ପଣ୍ଡା,ସମିତି ସଭ୍ୟ ନାରାୟଣ ଦାସ, ବେଣୁଧର ତିଆଡି, ଉପେନ୍ଦ୍ର ତିଆଡି, ଅନନ୍ତ ପ୍ରସାଦ ନାୟକ ଅଧ୍ୟାପକ କରୁଣାକର ପଣ୍ଡା,ଗଜେନ୍ଦ୍ର ପଣ୍ଡା,ପୂର୍ଣ୍ଣଚନ୍ଦ୍ର ପଣ୍ଡା,ଅନନ୍ତ ପଣ୍ଡାପ୍ରେମାନନ୍ଦ ବେହେରା, କୈଳାସ ବେହେରା, କାଶିନାଥ ଦାସ, ମାୟାଧର ଦାସ,ପ୍ରାଣବନ୍ଧୁ ଦାସ,ପଦ୍ମ ଲୋଚନ ଦାସ,ଗ୍ରାମ ରଖୀ ରତ୍ନାକର ଦାସ,ରମାକାନ୍ତ ଦାସ,ମହେନ୍ଦ୍ର ଦାସ,ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ସାମେତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

# ସାଇସାଧନାର ଅବଦାନକୁ କେବେ ଭୁଲିହେବ ନାହିଁ : ଜନସାଥୀ

## ମନମୋହୁଛି କୋରାପୁଟର ଢ଼େମସା ନାଚ ଓ ବଲାଙ୍ଗୀରର ପାଟ

ଉଦଳା, ୦୯/୦୩ (ନି.ପ୍ର): ଉଦଳା ସହର ନିକଟସ୍ଥ ଦିବ୍ୟସିଂହପୁରସ୍ଥିତ 'ସାଇ ସାଧନା' ପରିସରରେ ବର୍ତ୍ତମାନ ଚାଲିଛି ରାଜ୍ୟ ସ୍ତରୀୟ 'ଜନସାଥୀ ସମ୍ମିଳନୀ' । ଉକ୍ତ ସମ୍ମିଳନୀରେ କନ୍ଧମାଳ, କୋରାପୁଟ, ମାଲକାନାଗିରି, ରାୟଗଡ଼ା, କଳାହାଣ୍ଡୀ, ଝାରସୁଗୁଡ଼ା, ବୈଦ, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର ଇତ୍ୟାଦି ୧୭ ଗୋଟି ଜିଲ୍ଲାରୁ ଭାଇ ଭଉଣୀ ମାନେ ଅଂଶ ଗ୍ରହଣ କରିବା ସହିତ ପ୍ରତି ଜିଲ୍ଲାରୁ ଗୋଟିଏ ଗୋଟିଏ ଷ୍ଟଲ ଖୋଲା ଯାଇଛି । ଷ୍ଟଲ ଗୁଡ଼ିକ ମଧ୍ୟରେ ବଲାଙ୍ଗୀରର ପାଟଲୁଗା ଓ ସନ୍ଧ୍ୟାରେ ପ୍ରଦର୍ଶିତ ସଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ କୋରାପୁଟର ଢ଼େମସା ନାଚ ଲୋକଙ୍କ ମନମୋହୁଛି । ଦୂର ଦୂରାନ୍ତରୁ ଆସିଥିବା ଜନସାଥୀ ଭାଇ ଭଉଣୀ ମାନେ ଉକ୍ତ ସମ୍ମିଳନୀ ପାଇଁ 'ସାଇ ସାଧନା'ର ଅବଦାନକୁ

କେବେ ଭୁଲିହେବ ନାହିଁ ବୋଲି କହିଛନ୍ତି । 'ସାଇ ସାଧନା'ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ମଧ୍ୟ ସମ୍ମିଳନୀ ଆୟୋଜନର ନେତୃତ୍ୱ ନେଇଥିବା ମୟୂରଭଞ୍ଜର ଜନଜାଗୃତି ମଞ୍ଚର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହିତ ସମ୍ମିଳନୀର ଉତ୍ତରତର ଉନ୍ନତି କାମନା କରିଛନ୍ତି । କନ୍ଧମାଳର ବିଳାସୀନି ନାୟକ, ମାଲକାନାଗିରିର ମୁକୁନ୍ଦ ମାଡ଼କାନୀ, ବଲାଙ୍ଗୀରର ମମତା ପାଣିଗ୍ରାହୀ, କଳାହାଣ୍ଡୀର ଦିଲ୍ଲିପ ଛତିଆ, କୋରାପୁଟର ଅଶ୍ୱନୀ ନାୟକ, ରାୟଗଡ଼ାର ସିମାଞ୍ଚଳ ନାୟକ, ସମ୍ବଲପୁରର ପରବେଶୀ ମିର୍ଦ୍ଧା ପ୍ରମୁଖ ନିଜ ନିଜର ଅନୁଭୂତି ବ୍ୟକ୍ତ କରିବା ସମୟରେ ମୟୂରଭଞ୍ଜର ଜନସାଥୀ ସମ୍ମିଳନୀ ବେଶ ମନଛୁଆଁ ହୋଇଛି ବୋଲି କହିଛନ୍ତି ।

# ରାଜଧାନୀରେ ଆଉ ୧୩ ପଜିଟିଭ୍

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ଭୁବନେଶ୍ୱରରେ ବୁଧବାର ଦିନ ଆଉ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ସେହିପରି ଗତ ୨୪ ଘଂଟାରେ ଆଉ ୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛି । ଗତକାଲି ୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩୭୩ ରେ ପହଂଚିଥିବା ବେଳେ ୧୫୪୮୮୧ ଜଣ ସୁସ୍ଥ ହୋଇଛନ୍ତି । ଅପରପକ୍ଷରେ ୧୧୯୧ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ବର୍ତମାନ ଆଉ ୨୮୦ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି ।

# ପୌର ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ନିଯୁକ୍ତ

ବାଲେଶ୍ୱର,୦୯/୦୩ (ନି.ପ୍ର): ପୌର ନିର୍ବାଚନ-୨୦୨୨ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ୫ଟି ସହରାଞ୍ଚଳ ପାଇଁ ବରିଷ୍ଠ ପ୍ରଶାସକ ଆଇଏଏସ ଅଧିକାରୀ ଜ୍ୟୋତି କୁମାର ଲାକ୍ରା (ମୋ-୯୯୩୮୬୩୫୯୫୫) ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ଜିଲାର ବାଲେଶ୍ୱର, ଜଳେଶ୍ୱର ଓ ସୋର ଆଦି ୩ଟି ପୌରାଞ୍ଚଳ ଏବଂ ନୀଳଗିରି ଓ ରେମୁଣା ୨ଟି ଅଧିସୂଚିତ କ୍ଷେତ୍ର ପରିଷଦରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଲାକ୍ରା ଜିଲାର ଏହି ୫ଟି ସହରାଞ୍ଚଳ ଗସ୍ତ କରି ନିର୍ବାଚନ ପରିଚାଳନା, ଆଦର୍ଶ ଆଚରଣ ବିଧି, ସଭାସମିତି, ନିର୍ବାଚନୀ କଟକଣା, ମାର୍ଗଦର୍ଶିକାର ଅନୁପାଳନ ଇତ୍ୟାଦି ଉପରେ ନଜର ରଖିବେ । ଏଥି ସହିତ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରିବେ । ଏତଦ୍ ବ୍ୟତୀତ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗର ସମାଧାନ ସହ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

# ମାର୍ଚ୍ଚ ୧୧ରୁ ଗୁରୁଦକ୍ଷିଣା ଉତ୍ସବ

ଭୁବନେଶ୍ୱର, ୦୯/୦୩ (ନି.ପ୍ର): ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ 'କଳାଶ୍ରମ' ପକ୍ଷରୁ ମାର୍ଚ୍ଚ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୧୬ତମ 'ଗୁରୁଦକ୍ଷିଣା ଉତ୍ସବ-୨୦୨୧' ସ୍ଥାନୀୟ ଜୟଦେବ ଭବନ ଓ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବ । ଓଡ଼ିଶାର ଗୁରୁ-ଶିଷ୍ୟର ପରମ୍ପରାକୁ ଉଜ୍ଜିବୀତ ରଖିବା ସହିତ ଦିବ୍ୟାଙ୍ଗ କଳାକାରମାନଙ୍କୁ କଳାର ମୁଖ୍ୟସ୍ରୋତକୁ ଆଣି ଏକପାଦରୁ ପା ପାଦରେ ପହଂଚାଇବା ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ଲାଟଫର୍ମ ତିଆରି କରିବା, କଳା-ସଂସ୍କୃତି-ପରମ୍ପରାର ସୁମହାନତାକୁ ବଜାୟ ରଖିବା ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି କଳାଶ୍ରମର ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ ସୂଚନା ଦେଇଛନ୍ତି । ଏହି ଉତ୍ସବରେ କଳାର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ଥିବା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ପଣ୍ଡିତ ରବିଶଙ୍କର ଉପାଧ୍ୟାୟଙ୍କୁ 'ଗୁରୁଦକ୍ଷିଣା ସମ୍ମାନ-୨୦୨୧' ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି । ସେହିପରି ସଙ୍ଗୀତ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରା, ତବଲା ବାଦକ ଶରତ ପାଣି, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଦୀପ କୁମାର ଦାସଙ୍କୁ ସୃଜନଶୀଳ ପ୍ରତିଭା ସମ୍ପନ୍ନ ସମ୍ମାନରେ ସମ୍ମାନିତ କରାଯିବ । ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପେନସନ ମେଳା

ବାରିପଦା, ୦୯/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ମୟୂରଭଞ୍ଜ ସହଯୋଗରେ ପେନସନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ, ନବକିଶୋର ଗିରି ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାକାରୀ ନିତ୍ୟାନନ୍ଦ ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ଦୀପ୍ତି ନାୟକ, ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥ ମଲ୍ଲିକ, ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସେସନ୍ ଅଫିସର ସୁଦୀପ୍ତ ମୌଲିକ, ସହକାରୀ ସେସନ ଅଫିସର ଶିବପ୍ରସାଦ ବେହେରା ଓ ସହାୟକ ଦେବ ପ୍ରସାଦ ମହାନ୍ତଙ୍କ ସହିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ରାଜ୍ୟ ସଂପାଦକ ଭରତ ଚନ୍ଦ୍ର ବରାଳ, ଜିଲ୍ଲା ସଭାପତି ସନ୍ତୋଷ କୁମାର

କାଷ୍ଟ, ଜିଲ୍ଲା ସଂପାଦକ ଚିତରଂଜନ ପଳତା, ବାମନଘାଟୀ-ଫଟପୀଜ ସମ୍ପାଦକ ଦୁର୍ଯ୍ୟୋଧନ ବେହେରା ଓ ବାରିପଦା ବ୍ଲକ୍ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ଉପସ୍ଥିତିରେ ସରକାରୀ ସଂସ୍କୃତ ବିଦ୍ୟାଳୟ, ବାରିପଦାର ପ୍ରଧାନ ପଣ୍ଡିତ ତାରା ଶଂକର ମହାପାତ୍ର, କୋଠାଭାରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଘାସିରାମ ବେହେରା, ଖୁଂଟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ଜାମଶୋଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନତ କୁମାର ପ୍ରହାରାଜ, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଦାପାଳର କ୍ରୀଡା ଶିକ୍ଷକ ନରେନ୍ଦ୍ର ନାଥ ସାହୁ, ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୌଡଗାଁର ହିନ୍ଦୀ ଶିକ୍ଷୟିତ୍ରୀ ସ୍ନେହଲତା ବେହେରା, ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୋଳାଗଡିଆର ଖେଳ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତ, ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ କାଗଜ ପତ୍ର ଓ ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ । ଅନ୍ୟକିଛି ଶିକ୍ଷକ ଓ କର୍ମଚାରୀ ଅନୁପସ୍ଥିତ ଥିବାରୁ କାର୍ଯ୍ୟାଳୟରୁ ସେମାନଙ୍କ କାଗଜାତ ସଂଗ୍ରହ କରିବା ପାଇଁ ସେମାନଙ୍କୁ ଅନୁରୋଧ କରାଯାଇଥିଲା । କରୋନା ତଥା ଅନ୍ୟାନ୍ୟ ଅସୁବିଧା ଯୋଗୁଁ ୨୦୦୬ ମସିହାରୁ ଓଷ୍ଟା ସହାୟତାରେ ଏହି ଜିଲ୍ଲାରେ ଅନୁଷ୍ଠିତ ହୋଇଆସୁଥିବା ପେନସନ ମେଳା ସମ୍ପାଦନରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଆଗାମୀ ମାସମାନଙ୍କରେ ଅବସର ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀ ମାନେ ପ୍ରତି ମାସର ୨୦ ତାରିଖ ସୁଦ୍ଧା ସେମାନଙ୍କର ପ୍ରଧାନଶିକ୍ଷକଙ୍କ ଜରିଆରେ ପେନସନ ଜନିତ କାଗଜପତ୍ର ସଂପୃକ୍ତ ବିଭାଗରେ ଦାଖଲ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଆଗାମୀ ମାସରେ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବାକୁ ସ୍ଥିର କରାଯାଇଅଛି । ଶେଷରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପତଞ୍ଜଳି ଯୋଗ ସମିତି ପ୍ରମିଳା ପଣ୍ଡାଙ୍କୁ କଲେ ସମ୍ମାନିତ

ଉଦଳା, ୦୯/୦୩ (ନି.ପ୍ର): ମହିଳା ପତଞ୍ଜଳି ଯୋଗ ସମିତି ମୟୂରଭଞ୍ଜ ଶାଖା ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ସମାଜସେବୀ ପ୍ରମିଳା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିବାର ଜଣାଯାଇଛି । ସମ୍ବର୍ଦ୍ଧନା ସ୍ୱରୂପ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଛି । ଉକ୍ତ ଉତ୍ସବରେ